ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

ସମ୍ବାଦ କଳିକା

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

E-mail : sambadkalikanews@gmail.com

The Sambad Kalika

ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୫୨ ● ୧୮ ମାର୍ଚ୍ଚ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-52 ● 18th March 2024, Monday ● Bhubaneswar

Licensed to post without pre-payment of postage No- BN-60/22-24

୬

୫୦୦ ସ୍ୱର୍ଣ୍ଣ ମୁଦ୍ରା ସହ ଏକ କୋଟି ଟଙ୍କା ପୁରସ୍କାର ପାଇଲେ ଅଶ୍ୱିନ

ଇଲେକ୍ଟୋରାଲ ବଣ୍ଡ: ତାଲିକାର ଶୀର୍ଷରେ ବିଜେପି, ପଛକୁ ଟିଏମ୍‌ସି

ନୂଆଦିଲ୍ଲୀ, ୧୭ାମ୍ବ

ରବିବାର ସାର୍ବଜନୀନ ହୋଇଥିବା ଭାରତୀୟ ନିର୍ବାଚନ କମିଶନଙ୍କ ସଦ୍ୟତମ ତଥ୍ୟ ଅନୁଯାୟୀ ଭାରତୀୟ ଜନତା ପାର୍ଟି (ବିଜେପି) ମୋଟ ୬,୯୮୬.୫ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ ନଗଦ କରିଛି, ଯେଉଁଥିରୁ ୨୦୧୯–୨୦ରେ ସର୍ବାଧିକ ୨.୫ କୋଟି ଟଙ୍କା ମିଳିଛି ।

ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଇଲେକ୍ଟୋରାଲ ବଣ୍ଡ ଜରିଆରେ ୧୩୯୭ କୋଟି ଟଙ୍କା ପାଇଛି, ଯାହା କି ବିଜେପି ପରେ ଦ୍ୱିତୀୟ ବୃହତ୍ତମ ।

ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ଲଟେରୀ କିଙ୍ଗ ସାଣ୍ଟିଆଗୋ ମାର୍ଟିନଙ୍କ ଫ୍ୟୁଚର ଗେମିଂରୁ ୫୦୯ କୋଟି ଟଙ୍କା ସମେତ ଦ୍ରାବିଡ ମୁନେତ୍ରା କଜଗମ (ଡିଏମ୍‌କେ)କୁ ଇଲେକ୍ଟୋରାଲ ବଣ୍ଡ ଜରିଆରେ ୬୫୬.୫ କୋଟି ଟଙ୍କା ମିଳିଛି । ଇଲେକ୍ଟୋରାଲ ବଣ୍ଡ ଜରିଆରେ କଂଗ୍ରେସ ମୋଟ ୧୩୩୪.୩୫ କୋଟି ଟଙ୍କା ଆୟ କରିଛି ।

ପ୍ରସଙ୍ଗକ୍ରମେ ଉଲ୍ଲେଖଯୋଗ୍ୟ, ନିର୍ବାଚନ କମିଶନ ରବିବାର ଇଲେକ୍ଟୋରାଲ ବଣ୍ଡର ନୂଆ ତଥ୍ୟ ସାର୍ବଜନୀନ କରିଛନ୍ତି, ଯାହାକୁ ସିଲ୍ କଭରରେ ପ୍ରଥମେ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିଲା ଏବଂ ପରେ ଏହାକୁ ସାର୍ବଜନୀନ କରିବାକୁ କୁହାଯାଇଥିଲା ।

ସୁପ୍ରିମ କୋର୍ଟର ରେଜିଷ୍ଟ୍ରିରୁ ମିଳିଥିବା ଡିଜିଟାଇଜ ଫର୍ମରେ ତଥ୍ୟକୁ ରବିବାର ନିର୍ବାଚନ କମିଶନ ନିଜ ୱେବସାଇଟ୍‌ରେ ଅପଲୋଡ କରିଛନ୍ତି ।

ଦୁର୍ନୀତି ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୧୭ାମ୍ବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ନୀତି ବିରୋଧରେ କଠୋର ଓ ନିରବଚ୍ଛିନ୍ନ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ପ୍ରଶଂସା କରିବା ସହ ବିରୋଧୀ ଦଳଗୁଡ଼ିକୁ କଡ଼ା ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ତଦନ୍ତକାରୀ ସଂସ୍ଥାର ଉଲ୍ଲେଖନୀୟ କାର୍ଯ୍ୟକୁ ନେଇ ସେମାନେ ଚିନ୍ତିତ ଅଛନ୍ତି ।

ଏକ ସମାବେଶରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ସରକାରଙ୍କ ଏକ ପ୍ରମୁଖ ଦିଗ ଭାବେ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ଉପରେ ଗୁରୁତ୍ୱାରୋପ କରିବା ସହ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତଦନ୍ତକାରୀ ସଂସ୍ଥା ସମ୍ପୂର୍ଣ୍ଣ ସ୍ୱାଧୀନ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ଆମ ଶାସନର ଏକ

ପ୍ରମୁଖ ଦିଗ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଦୁର୍ନୀତି ବିରୋଧରେ କାର୍ଯ୍ୟ କରିବା ପାଇଁ ପ୍ରତ୍ୟେକ ଏଜେନ୍ସି ସମ୍ପୂର୍ଣ୍ଣ ମୁକ୍ତ ।

ତତ୍କାଳୀନ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ସମୟରେ କମ ସଂଖ୍ୟକ ମାମଲା ଏବଂ କମ ଜବତ ହୋଇଥିବା ଦର୍ଶାଇ ୨୦୧୪ ପୂର୍ବରୁ ତଦନ୍ତକାରୀ ସଂସ୍ଥାକୁ କାମ କରିବାକୁ ଅନୁମତି ଦିଆଯାଇ ନଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି । ପିଏମଏଲଏ ଅଧୀନରେ *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରଚଣ୍ଡ ବଜ୍ରପାତ ସମ୍ଭାବନା

ଭୁବନେଶ୍ୱର, ୧୭ାମ୍ବ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରଚଣ୍ଡ ବଜ୍ରପାତ ସହ ଝଡ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୧୯ ଏବଂ ୨୦ ତାରିଖରେ ଏହାର ପ୍ରଭାବ ଅନୁଭୂତ ହେବା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏନେଇ ୧୯ ତାରିଖରେ ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ କଟକ, ଖୋର୍ଦ୍ଧା, ନୟାଗଡ, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, ଗଞ୍ଜାମ, କନ୍ଧମାଳ, କଳହାଣ୍ଡି, ବଲାଙ୍ଗୀର, ରାୟଗଡା ଏବଂ ନବରଙ୍ଗପୁରକୁ *(ପୃଷ୍ଠା ୭ରେ)*

ଜୀବନବ୍ୟାପୀ ସାରସ୍ୱତ ସାଧନା ପାଇଁ

ଡ. ବିଭୂତି ପଟ୍ଟନାୟକ ପାଇବେ 'କଥା କଳିକା' ଶ୍ରେଷ୍ଠ ପ୍ରତିଭା ସମ୍ମାନ

ପଦ୍ମଜ ପାଳଙ୍କୁ 'କଥା କଳିକା' ସମ୍ମାନ

ଭୁବନେଶ୍ୱର, ୧୭ାମ୍ବ
ନ୍ୟୁଜ୍ ବ୍ୟୁରୋ

୨୦୨୪ ବର୍ଷ ପାଇଁ ପ୍ରଥିତଯଶା ସାହିତ୍ୟିକ, ସ୍ତମ୍ଭକାର ତଥା କଥା ସମ୍ରାଟ ଡ. ବିଭୂତି ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାରସ୍ୱତ ସାଧନା ନିମନ୍ତେ 'ଶ୍ରେଷ୍ଠ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ । ଆଗାମୀ ୨୫ ତାରିଖ ସୋମବାର ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ସ୍ଥାନୀୟ ମାଷ୍ଟରକ୍ୟାଣ୍ଟିନ୍ ସ୍ଥିତ 'ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା' ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶାର ଅଗ୍ରଣୀ ମାସିକ ଗଳ୍ପ ପତ୍ରିକା 'କଥା କଳିକା'ର ଦଶମ ବାର୍ଷିକ ଜନ୍ମୋତ୍ସବରେ ଡ. ପଟ୍ଟନାୟକଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯିବାକୁ ପରିଚାଳନା କମିଟି ପକ୍ଷରୁ ଘୋଷଣା କରାଯାଇଛି । ସେହିପରି ବିଶିଷ୍ଟ କଥାଶିଳ୍ପୀ ପଦ୍ମଜ ପାଳଙ୍କୁ 'କଥା କଳିକା ସମ୍ମାନ' ଓ ଶିଳ୍ପୀ ଶଶୀକାନ୍ତ ରାଉତଙ୍କୁ 'ବିଶିଷ୍ଟ ଚିତ୍ରଶିଳ୍ପୀ ସମ୍ମାନ' ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏତଦ୍‌ବ୍ୟତୀତ ବିଶିଷ୍ଟ କଥାକାର କ୍ଷୀରୋଦ ଦାସ, ଯୁବ କଥାକାର ସ୍ନେହଲତା ଦାସ ଲେଙ୍କା, ଅନୁବାଦକ ନଗେନ୍ଦ୍ରନାଥ ପଟ୍ଟନାୟକଙ୍କୁ ଚଳିତ ବର୍ଷ ପାଇଁ 'କଥା କଳିକା'ର *(ପୃଷ୍ଠା ୭ରେ)*

ମାସିକ ଗଳ୍ପ ପତ୍ରିକା

୧୦ ମ ବାର୍ଷିକ ଜନ୍ମୋତ୍ସବ

କଥା କଳିକା

୪୬୪, ଶହୀଦ ନଗର, ଭୁବନେଶ୍ୱର-୭

ସମ୍ବର୍ଦ୍ଧନା●ସମ୍ମାନ ଓ ପ୍ରତିଭା ପୁରସ୍କାର ପ୍ରଦାନ ସମାରୋହ

୨୫ ମାର୍ଚ୍ଚ ୨୦୨୪ • ସୋମବାର • ଦୋଳପୂର୍ଣ୍ଣିମା• ପୂର୍ବାହ୍ନ ୧୦ ଘଣ୍ଟା •
ସ୍ଥାନ : ଦି ପ୍ରେସ କ୍ଲବ ଅଫ୍ ଓଡ଼ିଶା • ମାଷ୍ଟରକ୍ୟାଣ୍ଟିନ୍ ଛକ ପାଖ • ଭୁବନେଶ୍ୱର

ଶ୍ରେଷ୍ଠ ପ୍ରତିଭା ସମ୍ମାନ

'ଜୀବନବ୍ୟାପୀ ସାରସ୍ୱତ ସାଧନା ସମ୍ମାନ' : ଡ. ବିଭୂତି ପଟ୍ଟନାୟକ
କଥା ସମ୍ରାଟ, ପ୍ରଥିତଯଶା ସାହିତ୍ୟିକ ଓ ସ୍ତମ୍ଭକାର

'କଥା କଳିକା ସମ୍ମାନ' : ବିଶିଷ୍ଟ କଥାଶିଳ୍ପୀ ଶ୍ରୀଯୁକ୍ତ ପଦ୍ମଜ ପାଳ

'ବିଶିଷ୍ଟ ଚିତ୍ର ଶିଳ୍ପୀ ସମ୍ମାନ' : ଶିଳ୍ପୀ ଶଶୀକାନ୍ତ ରାଉତ

ଚଳିତ ବର୍ଷ ପାଇଁ 'କଥା କଳିକା'ର ଯୋଗ୍ୟ ବିବେଚିତ ପ୍ରତିଭା ପୁରସ୍କାର

'କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ପୁରସ୍କାର' : ବିଶିଷ୍ଟ କଥାକାର ଶ୍ରୀଯୁକ୍ତ କ୍ଷୀରୋଦ ଦାସ
(ସମକାଳର କଥା ପର୍ଯ୍ୟାୟ)

'ସମାଜସେବୀ ରବୀନ୍ଦ୍ର ନାଥ ରାୟ ସ୍ମୃତି ପୁରସ୍କାର : ଶ୍ରୀମତୀ ସ୍ନେହଲତା ଦାସ ଲେଙ୍କା, ଯୁବ କଥାକାର
(ଯୁବ ମାନସର କଥା ପର୍ଯ୍ୟାୟ)

'ସୁଲେଖିକା ସୁପ୍ରଭାରାୟ ଅନୁବାଦ ପୁରସ୍କାର' : ଅନୁବାଦକ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ପଟ୍ଟନାୟକ
(ଅନ୍ୟଭାଷାର କଥା ପର୍ଯ୍ୟାୟ)

'ପିସ୍‌ଫୁଲ୍ଟ ଫାଉଣ୍ଡେସନ ଟ୍ରଷ୍ଟ ପୁରସ୍କାର' : ଶ୍ରୀମତୀ ଆଶାରାଣୀ ପଣ୍ଡା, (ଯୁଗ୍ମ) ଶ୍ରୀମତୀ ସଂଯୁକ୍ତା ତ୍ରିପାଠୀ
(ଗ୍ରାମୀଣ ଜନଜୀବନ ଆଧାରିତ ଗଳ୍ପ ପର୍ଯ୍ୟାୟ)

କଥାକଳିକା ଗଳ୍ପ ପ୍ରୋତ୍ସାହନ ପୁରସ୍କାର

ଶ୍ରୀମତୀ କିରଣବାଳା ମିଶ୍ର
ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ
ଶ୍ରୀମତୀ ରୀନାରାଣୀ ରାଉତରାୟ
ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ଜେନା
ଶ୍ରୀଯୁକ୍ତ ପ୍ରକାଶ କୁମାର ସାହୁ
ଡାକ୍ତର ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ
ଶ୍ରୀମତୀ ନିରୁପମା କର

'କଥା କଳିକା' ସେବା-ସହଯୋଗ ସମ୍ମାନ
ଶ୍ରୀ ବାବନ ସ୍ୱାଇଁ (ବସନ୍ତ)



30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୮ ମାର୍ଚ୍ଚ, ସୋମବାର, ୨୦୨୪

ଇକୋ ରିଟ୍ରିଟ୍ ସେଣ୍ଟର ପାଲଟିଛି କଲ୍ୟାଣମଣ୍ଡପ

ଗୋପାଳପୁର, ନ୍ୟୁଜ୍‌ବ୍ୟୁରୋ

ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଡ଼ିଏ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ଗୋପାଳପୁର ଠାରେ ନିର୍ମାଣ ହୋଇଛି ଇକୋ ରିଟ୍ରିଟ୍ ସେଣ୍ଟର । ସ୍ଥାନୀୟ ଆଇପିଏସ୍ ଗେଷ୍ଟ ହାଉସ୍ ନିକଟରେ ଏହି ଇକୋ ରିଟ୍ରିଟ୍ ସେଣ୍ଟର ନିର୍ମାଣ କରାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ଏହା ଉଦ୍‌ଘାଟନ ହୋଇପାରୁ ନାହିଁ । ଯେଉଁ ଉଦ୍ଦେଶ୍ୟ ନେଇ ଇକୋ ରିଟ୍ରିଟ୍ ନିର୍ମାଣ କରାଯାଇଥିଲା ତାହା ପୂରଣ ହୋଇପାରି ନଥିବା ବେଳେ ଏବେ ଏହା କଲ୍ୟାଣମଣ୍ଡପ ପାଲଟି ଯାଇଛି । ଗତ କିଛି ମାସ ହେଲା ଏଠାରେ ବିବାହ ଉତ୍ସବ ସାଙ୍ଗକୁ ଭୋଜି ଭାତର ଆୟୋଜନ କରାଯାଉଥିବା ଦେଖିବାକୁ ମିଳୁଛି । ଇକୋ ରିଟ୍ରିଟ୍ ସେଣ୍ଟରଟି ଆଇପିଏସ୍ ଗେଷ୍ଟ ହାଉସ୍ ନିକଟରେ ନିର୍ମାଣ କରାଯାଇଥିବା ବେଳେ ବିବାହ ବେଳେ ଡିଜେ ସାଉଣ୍ଡ୍ ସାଙ୍ଗକୁ ନାଚଗୀତ ଲାଗି ରହୁଥିବା ଯୋଗୁଁ ସାଧାରଣରେ ଏହାକୁ ନେଇ

ଅସନ୍ତୋଷ ପ୍ରକାଶ ପାଇଛି । ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ରଖିଥିବା ଗୋପାଳପୁର ବେଳାଭୂମିକୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି । ପର୍ଯ୍ୟଟକଙ୍କ ରହଣି ପାଇଁ ଗୋପାଳପୁରରେ ଛୋଟ ବଡ଼ ହୋଟେଲ୍ ରହିଛି । ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବି କରାଯାଉଛି । ତେବେ ଇକୋ ରିଟ୍ରିଟ୍ ନିର୍ମାଣ କରାଯାଇ ଏହାକୁ ଲୋକାର୍ପଣ କରାନଯିବା ପଛରେ ପ୍ରକୃତ କାରଣ କ'ଣ ତାହା ଜଣାପଡୁ ନାହିଁ । ସୂଚନା ଅନୁଯାୟୀ ୨୦୧୭ ମସିହାରେ ଗୋପାଳପୁର ବାଲୁକା ତଟରେ ଏହି ଇକୋ ରିଟ୍ରିଟ୍ ନିର୍ମାଣ କରାଯାଇ ଥିଲା । ଏହାର ନିର୍ମାଣ କାର୍ଯ୍ୟ ବିଡ଼ିଏକୁ ପ୍ରଦାନ କରାଯାଇଥିଲା । ଏଠାରେ ୧୪ଟି କଟେଜ୍ ରହିଥିବା ବେଳେ ଶିଶୁ ଉଦ୍ୟାନ, ଘାସ ବଗିଚା, ଗାଡ଼ି ପାର୍କିଂସ୍ଥଳ, ସୁଇମିଂ ପୁଲ୍ ରହିଛି । ଏହାର ମୁଖ୍ୟ ଆକର୍ଷଣ ହେଉଛି କଟେଜ୍ ଠାରୁ ବେଳାଭୂମିକୁ ଯିବା ପାଇଁ ରହିଥିବା କାଠ ନିର୍ମିତ ପୋଲ । ଇକୋ ରିଟ୍ରିଟ୍ ସେଣ୍ଟରଟି ଉଦ୍‌ଘାଟନ ହୋଇନଥିବା ବେଳେ କିଛି ମାସ ପୂର୍ବେ ଗୋପାଳପୁର ବେଳାଭୂମି ବୁଲିବାକୁ ଆସୁଥିବା ଆଖପାଖ ଅଞ୍ଚଳର ଲୋକ ଓ ପର୍ଯ୍ୟଟକଙ୍କୁ କାଠ ପୋଲର ମଜା ନେବାକୁ ଟିକଟ ନେଇ ଛଡ଼ାଯାଉ ଥିଲା । ପରବର୍ତ୍ତୀ ସମୟରେ କାଠ ପୋଲର କିଛି କିଛି ସ୍ଥାନରେ ପଟା ଖସିଯିବାରୁ ତାହାକୁ ମରାମତି ନିମନ୍ତେ ଲକ୍ଷାଧିକ ଟଙ୍କାର ଟେଣ୍ଡର କରାଯାଇ କାମ ହୋଇଥିବା ଶୁଣାଯାଉଛି । ଇକୋ ରିଟ୍ରିଟ୍‌ର ସମ୍ମୁଖରେ ରହିଥିବା ପଡ଼ିଆଟି ଅନ୍ଧକାର ରହୁଥିବାରୁ ସନ୍ଧ୍ୟା ହେଲେ ମଦୁଆଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହେଉଛି । ବିଡ଼ିଏ ପକ୍ଷରୁ ଏଠାରେ କୌଣସି ଆଲୋକୀକରଣ ବ୍ୟବସ୍ଥା ହୋଇନାହିଁ । ପ୍ରଶାସନ ଏଠାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ପରେ ବି କାହିଁକି ଉଦ୍‌ଘାଟନ କରାଯାଉନାହିଁ ତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି ।

ଗଞ୍ଜାମ ଜିଲ୍ଲାରେ ଭାଇରାଲ ଫିଭର ସଂକ୍ରମଣ ବଢୁଛି

ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ

ଗଞ୍ଜାମ ଜିଲ୍ଲାରେ ଏବେ ଭାଇରାଲ୍ ଫିଭର ସଂକ୍ରମଣ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି । ଜ୍ୱର, ଥଣ୍ଡା, ଛିଙ୍କ ଆଉ କାଶରେ ଅଧିକାଂଶ ଛଟପଟ । ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଆକ୍ରାନ୍ତ ହେଉଛନ୍ତି । ପାଗ ପରିବର୍ତ୍ତନ ଯୋଗୁଁ ଏଭଳି ହେଉଥିବା ବିଶେଷଜ୍ଞ କହିଛନ୍ତି । ସେପଟେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଭାଇରାଲ୍ ଫିଭରରେ ଆକ୍ରାନ୍ତ ଅଧିକ ରୋଗୀ ଆସୁଥିବା ଜଣାଯାଇଛି । ଘରେ ଘରେ ଏବେ ଥଣ୍ଡା କାଶରେ ଖୁଁ ଖାଁ ହେଉଛନ୍ତି ଲୋକ । ସଂକ୍ରମଣରେ ନୟାନ୍ତ ହେଉଛନ୍ତି । ଡାକ୍ତରଖାନାରେ ସଂକ୍ରମିତଙ୍କ ଲମ୍ବା ଧାଡ଼ି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସିଟି ହସ୍‌ପିଟାଲ୍‌କୁ ଦୈନିକ ପ୍ରାୟ ୨ହଜାର ରୋଗୀ ଆସୁଥିବା ବେଳେ ଏଥିରୁ ପ୍ରାୟ ୫ଶହ ରୋଗୀ ଥଣ୍ଡା ଓ ଜ୍ୱରରେ ଆକ୍ରାନ୍ତରୁ ଆସୁଥିବା ଜଣାଯାଇଛି । ଲୋକଙ୍କ ଭିତରେ ଏବେ ବି କୋଭିଡ୍ ଭୟ ଦୂର ହୋଇନି । କିନ୍ତୁ ଥଣ୍ଡା ଓ କାଶୁଥିବା ବ୍ୟକ୍ତି ମାସ୍କ ପିନ୍ଧୁନାହାନ୍ତି । ଖୋଲାଖୋଲି ଭାବେ ବୁଲିଛନ୍ତି । ଫଳରେ ଏଭଳି ସମସ୍ୟା ହେଉଥିବା ଦେଖିବାକୁ ମିଳିଛି । ସେପଟେ ଥଣ୍ଡା ଓ ଜ୍ୱର ହେଉଥିଲେ ବି କୌଣସି ଅଞ୍ଚଳରୁ ସାମୁହୀକ ଭାବେ ଲୋକ ଡାକ୍ତରଖାନାରେ ଭର୍ତ୍ତି ହୋଇନାହାନ୍ତି ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଉମା ଶଙ୍କର ମିଶ୍ର । ବ୍ରହ୍ମପୁର ଏନ୍‌ଏଚ୍‌ଏମ୍ ପ୍ରୋଗ୍ରାମ୍ ମ୍ୟାନେଜର ଲମ୍ବୋଧର ଦିଗାଲ୍ କହିଛନ୍ତି, ଥଣ୍ଡା ଓ ଜ୍ୱର ଆକ୍ରାନ୍ତ ରୋଗୀ ଆସୁଛନ୍ତି କିନ୍ତୁ କେତେ ସଂଖ୍ୟାରେ ଆସୁଛନ୍ତି ତାହା ସର୍ଭେ ହୋଇନାହିଁ । ସମସ୍ତ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଛି । ରୋଗୀ ମାଗଣାରେ ସମସ୍ତ ସେବା ପାଇପାରିବେ । ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନା ଶିଶୁରୋଗ ବିଭାଗ ମୁଖ୍ୟ ପ୍ରଫେସର ନରେନ୍ଦ୍ର ବେହେରା କହିଛନ୍ତି, ପ୍ରାୟ ୨୦ ପ୍ରତିଶତ ଶିଶୁ ଥଣ୍ଡା ଓ କାଶରେ ଆକ୍ରାନ୍ତ ହେଉଛନ୍ତି । ୬ ମାସରୁ ୨ ବର୍ଷ ର ବୟସ ପିଲା ମାନେ ଗୁରୁତର ବି ହେଉଛନ୍ତି । ଗତ କିଛି ଦିନ ତଳେ ଅଧିକ ମାତ୍ରାରେ ମମ୍ପସ ବା ଗାଲୁଆ ରେ ଶିଶୁ ପୀଡ଼ିତ ହୋଇଥିଲେ । ଏବେ ଏମ୍‌କେସିଜିରେ ଏହାର ସଂଖ୍ୟା କମ୍ ରହିଛି । ପାଞ୍ଚ ଜଣ ଗାଲୁଆ ରୋଗୀ ଏବେ ଶିଶୁ ରୋଗ ବିଭାଗରେ ଚିକିତ୍ସିତ ହେଉଛନ୍ତି ବୋଲି ପ୍ରଫେସର ଶ୍ରୀ ବେହେରା କହିଛନ୍ତି । ଅଭିଭାବକମାନେ ସଚେତନ ରହିବା ଦରକାର । ପିଲାଙ୍କୁ ଥଣ୍ଡାରୁ ଦୂରେଇ ରଖିବା ସହ ଜ୍ୱର ହେଲେ ସଙ୍ଗେ ସଙ୍ଗେ ଡ଼ାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରାନ୍ତୁ ।

ଫକିରାବାଦ ଉର୍ଦ୍ଦୁ ସ୍କୁଲର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଫକିରାବାଦ ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ସେକ୍ ମନସୁର ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳେଇ, କାଉନସିଲର ଫରଜନା ବେଗମଙ୍କ ସମେତ ସମାଜସେବୀ ହିବଜୁବୁର ରହେମାନ, ବିଭୁ ପ୍ରସାଦ ନାୟକ, ଭ୍ରମର ରାଉତ, ବଳଦେବ ପ୍ରସାଦ ଜେନା, ୟାସମିନ ସୁଲତାନା, ମିର୍ ସମ୍ସ, ଡବରେଜ, ଗାଙ୍ଗେୟ କୁମାର ବିଶ୍ୱାଳ, ରଶ୍ମିର ରଂଜନ ରାଉତରାୟ ପ୍ରମୁଖ ଯୋଗ ଦେଇଥିବା ବେଳେ ରାଜେନ୍ଦ୍ର ପ୍ରସାଦ ରାଉତ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଥିଲା । ଏଥିରେ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ । ସଭା ଶେଷରେ ଦେବେନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ବାଳିକା ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ପରିସରରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । କେନ୍ଦ୍ରାପଡ଼ା ସିଡିପିଓ କବିତା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ସୌଦାମିନୀ ପାଗଲ, ସୁପର ଭାଇଜର ମାନସୀ ଦାସ, ସୁନିତା ନାୟକ, ରୁଚିକା ପୃଷ୍ଟି, ମୁଲତା ବାରିକ, ସମୀକ୍ଷା ଦାସ, ଅନିତା ବେହେରା ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରାପଡା ବ୍ଲକର ସମସ୍ତ ପଞ୍ଚାୟତଗୁଡିକରୁ ଶତାଧିକ କିଶୋରୀ ବାଳିକା ଉପସ୍ଥିତ ହୋଇ ଏହି ତାଲିମରେ ଅଂଶ ଗ୍ରହଣ କରିଥିଲେ । ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଆତ୍ମରକ୍ଷା କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇ ଥିଲା । ପ୍ରଶିକ୍ଷିକା ସୌଦାମିନୀ ବାଳିକାମାନଙ୍କୁ ଆତ୍ମରକ୍ଷା ସଂପର୍କରେ ବିସ୍ତୃତ ଭାବରେ ପ୍ରଶିକ୍ଷଣ ଦେବା ସହ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇ ଥିଲେ । ଏହି ତାଲିମ ଶିବିରରେ ଉତ୍ତମ ପ୍ରଦର୍ଶନ କରିଥିବା ବାଳିକା ମାନଙ୍କୁ ମନନୋନିତ୍ୱ କରାଯାଇ ସେମାନେ ବ୍ଲକର ବିଭିନ୍ନ ସ୍ଥାନକୁ ଯାଇ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିବା ପାଇଁ ମନୋନିତ୍ୱ କରାଯାଇଛି । କାର୍ଯ୍ୟକ୍ରମରେ ସୁପର ଭାଇଜର ସୁନିତା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ପ୍ରଶିକ୍ଷଣ

ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ

ଚୌଦ୍ୱାର ସହରରେ ବାସବାସ କରୁଥିବା ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଓ ଜରୁରୀ ସେବା ପ୍ରଦାନ ସମ୍ପର୍କିତ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଗାନ୍ଧୀଛକସ୍ଥିତ ପୌର ଟାଉନ୍‌ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ ଅଧ୍ୟକ୍ଷ ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚୌଦ୍ୱାର ସହରବାସୀ ଓ ବସ୍ତି ବାସିନ୍ଦାମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଦିଗରେ ସ୍ୱାସ୍ଥ୍ୟସେବା ଯୋଗାଉଥିବା ସମସ୍ତ କର୍ମକର୍ତ୍ତା ଓ ୱାର୍ଡ଼ କଲ୍ୟାଣ ସମିତିର ସଦସ୍ୟା ମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ଅତିରିକ୍ତ ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଚୌଦ୍ୱାର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡ. ରବୀନ୍ଦ୍ର କୁମାର ମହାପାତ୍ର, ଡ. ଶରତ କୁମାର ସିଂ, ଡ. ସଂଜୟ ସ୍ୱାଇଁ, ଦୀପକ ସ୍ୱାଇଁ, ନରୋତ୍ତମ ଦାସ ପ୍ରମୁଖ ଲେକମାନଙ୍କୁ ସ୍ୱାସ୍ଥ୍ୟସେବା, ଜରୁରୀ ଚିକିତ୍ସା ଓ ଆନୁସଂଗିକ ବ୍ୟବସ୍ଥା ଯୋଗାଇ ଦେବାର ବିଭିନ୍ନ ଶୈଳୀ ଓ କାର୍ଯ୍ୟଦକ୍ଷତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଚୌଦ୍ୱାରକୁ ରୋଗମୁକ୍ତ କରିବା ପାଇଁ ନିଷ୍ଠାର ସହ କାର୍ଯ୍ୟକରିବା ପାଇଁ ଶିବିରାର୍ଥୀ ମାନଙ୍କୁ ଉପାଧ୍ୟକ୍ଷ ଶ୍ରୀ ସାମଲ ଶପଥପାଠ କରାଇଥିଲେ । କାଉନସିଲର ଲିଲିବାଳା ସାହୁ, ସବିତା ମାହାଳି, ସୁଜାତା ସାହୁ, ବିଜୟଲକ୍ଷ୍ମୀ ବେହେରା, ରଙ୍ଗଲତା ସାହୁ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ । ପୌରପାଳିକାର ୧୯ଟି ୱାର୍ଡ଼ରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ମହିଳା ଆରୋଗ୍ୟ ସମିତି ଓ ବସ୍ତି ବାସିନ୍ଦା ସଂଘର ସଦସ୍ୟ ସଦସ୍ୟା ବୃନ୍ଦଙ୍କ ସମେତ ଶତାଧିକ ମହିଳା ଏହି ଶିବିରରେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ ।

ତ୍ରିଦିନାତ୍ମକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ନିଷ୍କିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ

ନିଷ୍କିନ୍ତକୋଇଲି ବ୍ଲକ କେନ୍ଦୁପାଶୋ ଗ୍ରାମପଞ୍ଚାୟତ ରିସୋସ୍ଥିତ ଶ୍ରୀଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ପୀଠରେ ତ୍ରିଦିନାତ୍ମକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ଅଗ୍ନିଷ୍ଟୋମ ବିଶ୍ୱଶାନ୍ତି ନାରାୟଣ ଯଜ୍ଞ ଆରମ୍ଭ ହୋଇଛି । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ହରିବୋଲ ହୁଳହୁଳୀ ଶଙ୍ଖ କାହାଳୀ ଧ୍ୱନୀରେ ସ୍ଥାନୀୟ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀରୁ ଏକ କଳସ ଶୋଭାଯାତ୍ରାରେ ଆସିଥିଲେ । କଳସୀ ଗୁଡିକୁ ଯଜ୍ଞସ୍ଥଳରେ ସ୍ଥାପନ କରାଯାଇ ଥିଲା । ଏହି ଅବସରରେ ଅଙ୍କୁରା-ରୋପଣ, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ, ମଙ୍ଗଳଆଳତୀ କରାଯାଇ ଥିଲା । ଏହି ଯଜ୍ଞର ପୂର୍ଣ୍ଣାହୁତୀ ଆସନ୍ତା ୯ ତାରିଖ ରାତ୍ରରେ ହେବ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ ।

ସୌର ଶକ୍ତି ଚାଳିତ ବିଦ୍ୟୁତ୍ ବ୍ୟବସ୍ଥା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ ଓ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅଧିନ ୩୯ଟି ପଞ୍ଚାୟତର କାର୍ଯ୍ୟାଳୟ ଗୁଡିକୁ ସୌର ଶକ୍ତି ଚାଳିତ ବିଦ୍ୟୁତ୍‌କରଣ ବ୍ୟବସ୍ଥା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ବିଧାୟକ ଶଶି ଭୂଷଣ ବେହେରାଙ୍କ ବିଧାୟକ ଅନୁଦାନ ପାଣ୍ଠିରୁ ପ୍ରାୟ ୧ କୋଟି ଟଙ୍କା ବ୍ୟୟ ଅଙ୍କଳନ ରେ ଏହି ସିଷ୍ଟମ୍ ଖାଯାଇ ଥିବା ସୂଚନା ମିଳିଛି । ଏଣିକି ସମସ୍ତ ବ୍ଲକ କାର୍ଯ୍ୟାଳୟ ଓ ପଚାୟତ କାର୍ଯ୍ୟାଳୟ ର ବିଦ୍ୟୁତ୍ ଉପଯୋଗ ପାଇଁ ଖର୍ଚ୍ଚ ହେଉଥିବା ମାସିକ ଲକ୍ଷ ଲକ୍ଷ ଟଙ୍କା ସଞ୍ଚୟ ହୋଇ ପାରିବ ବୋଲି ଜଣାପଡିଛି । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ବେହେରା ମୁଖ୍ୟ ଅତିଥି ଭାବେ

ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ବିଡିଓ ବନ୍ଦନା ଖଟୁଆ, ବିଜେଡି ଜିଲ୍ଲା ସଭାପତି ଧିରେନ କୁମାର ସାହୁ, ମୋ ଓଡିଶା ଜିଲ୍ଲା ସଂଯୋଜକ ହିରଣ୍ୟ କୁମାର ପଣ୍ଡା, ବ୍ଲକ ସଭାପତି ଆଲୋକ କୁମାର ସାହୁ, ଓସ୍ତପୁର ସରପଞ୍ଚ ପ୍ରସନ୍ନ କୁମାର ରାଉତ, ଗାଙ୍ଗପଡ଼ା ସରପଞ୍ଚ ଅଶ୍ୱିନୀ କୁମାର ପାତ୍ର, ଯାଦବ ସଂଘ ସଭାପତି ପ୍ରଭାକର ପଲାଇ, ରଂଜନ କୁମାର କର, ରଶ୍ମି ରଂଜନ ଜେନା, ସେହ୍ନମୟୀ ସେନାପତି, ବିଜୟ କୁମାର ମଣ୍ଡଳ, ସରୋଜକାନ୍ତ ପଣ୍ଡା, ପୂର୍ବତନ କାଉନସିଲର ଦୁର୍ଗା ପ୍ରସାଦ ପତି, ବ୍ଲକ ମହିଳା ସଭାନେତ୍ରୀ ସୁମିତ୍ରା ପାଢୀ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

ନିଷ୍କିନ୍ତକୋଇଲି ବ୍ଲକ୍‌ରେ ଗ୍ରାମପଞ୍ଚାୟତ କଂଗ୍ରେସ ସଭାପତି ମନୋନୀତ

ନିଷ୍କିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ

ନିଷ୍କିନ୍ତକୋଇଲି ବ୍ଲକର ୪୧ଟି ଗ୍ରାମପଞ୍ଚାୟତର କଂଗ୍ରେସ ସଭାପତି ମନୋନୀତ କରାଯାଇଥିବାର ବ୍ଲକ ସଭାପତି ରମାକାନ୍ତ ବେହେରା ପ୍ରକାଶ କରିଛନ୍ତି । ଏହି ବ୍ଲକର ତିଳକଣା-ବିଭୂପ୍ରସାଦ ଦ୍ୱିବେଦୀ, ନେମାଳ- କ୍ଷମାନିଧି ପୃଝାରୀ, ବନ୍ଧୁପୁର- କାହ୍ନୁଚରଣ ପାତ୍ର, ପାଳଦା- ଶରତ ସ୍ୱାଇଁ, ସାନ୍ତପୁର-ହେମନ୍ତ ମହାନ୍ତି, ଜନାର୍ଦ୍ଦନପୁର-ଦେବେନ୍ଦ୍ରନାଥ ସେଠୀ, କଳମିଶ୍ରୀ- ବିଜୟ କୁମାର ଦାସ, ଶିର୍ଲୋ- ସୟଦ ସରଓ୍ୱର ଅଲ୍ଲୀ, ଇଶାଣୀବରହମପୁର- କୁଞ୍ଜ ବିହାରୀ ସାହୁ, ମାଣପୁର- ପିତାମ୍ବର ପ୍ରଧାନ, ମହମ୍ମଦପୁର- ଅଜିତ ରଞ୍ଜନ ମହାନ୍ତି, ମଣିଜଙ୍ଗ- ଧିରେନ୍ଦ୍ର କୁମାର ନାୟକ, ଉତରକୂଳ- ସଞ୍ଜୟ କୁମାର ବେଉରା, ବାବୁଜଙ୍ଗ- ପ୍ରତିମଞ୍ଜରୀ ମହାନ୍ତି, ତରତଶାସନ-ଭ୍ରମର ମଲିକ, କେରିଲୋ- ଶରତ କୁମାର ରାଉଳ, ଓରତି- ଅକ୍ଷୟ କୁମାର ଦାସ, ଜମରା, ଶରତଚନ୍ଦ୍ର ସ୍ୱାଇଁ, ଦାଉଦପୁର- ଅଜୟ କୁମାର ବେଉରା, ଝାଡ଼େଶ୍ୱରପୁର-ସୟଦ ଇମତିଆଜ ଅହମ୍ମଦ, ବନ୍ଧକାଟିଆ- ସୁରେଶ ସ୍ୱାଇଁ, ନଗସପୁର- ସୁଧାଂଶୁ ଷଡଙ୍ଗ, ନରେନ୍ଦ୍ରପୁର- ନିକୁଞ୍ଜ ବିହାରୀ ସିଂ, ଅସୁରେଶ୍ୱର- ସନ୍ତୋଷ କୁମାର ସାହୁ, କଟିକଟା- ସମୀର କୁମାର ସାହୁ, କେଣ୍ଡାଳୋ- କାର୍ତ୍ତିକ ଚନ୍ଦ୍ର ଦାସ, ସୁକରପଡା- ପୂର୍ଣାନନ୍ଦ ଷଡଙ୍ଗୀ, କଟକପଡା-ସେକ ସଫିରୁଦ୍ଦିନ, ସରପଡା- ଅଜୟ କୁମାର ସେଠୀ, ବାଲିଆପଦା- ରଜନୀକାନ୍ତ ନାୟକ, ବୁହାଳୋ- ନିଗମପ୍ରସାନ ଭଙ୍ଗ, ବରାଦୋ- ରମେଶ ଚନ୍ଦ୍ର ସେଠୀ, ଫଗୋଳ- ପବିତ୍ର ମୋହନ ପ୍ରଧାନ, ଜୟରାମପୁର-ମହମ୍ମଦ ରିଆଜଉଦ୍ଦିନ, ଜିଗ୍ନିପୁର ବିଷ୍ଣୁପ୍ରସାଦ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୮ ମାର୍ଚ୍ଚ ୨୦୨୪ ସୋମବାର

ପ୍ରବାସୀ ଉତ୍କଳ ସାହିତ୍ୟ ସଂସ୍ଥା ମୁମ୍ବାଇ ପକ୍ଷରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ସବୁଠୁ ଅଧିକ ଶୃଙ୍ଖଳିତ, ବ୍ୟବସ୍ଥିତ, ଦୁଇହଜାର ବର୍ଷର ପୁରୁଣା ତଥ୍ୟ ଆମ ମାତୃଭାଷାର ଶିଳାଲେଖ, ସନନ୍ଦ, ତାଳପତ୍ର ପୋଥି, ମୁଦ୍ରା ଯାହାକି ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ଭାରତ ସରକାରଙ୍କ ନିକଟରେ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ପାଇଁ ଉପସ୍ଥାପନ କରିଥିଲେ ବୋଲି ବିଶିଷ୍ଟ ଭାଷା ବିଦ୍ ଡକ୍ଟର ଦେବାଶିଷ ମହାପାତ୍ର ପ୍ରବାସୀ ଉତ୍କଳ ସାହିତ୍ୟ ସଂସ୍ଥା ମୁମ୍ବାଇ ତରଫରୁ ଆୟୋଜିତ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଦିବସ ମାର୍ଚ୍ଚ ୧୧ତାରିଖ ୨୦୨୪ ସନ୍ଧ୍ୟାରେ ଅନଲାଇନ ଆସରରେ ମନ୍ତବ୍ୟ ଦେଇଛନ୍ତି । ପୁରୀ ଶ୍ରୀମନ୍ଦିରରେ ଜୟ ବିଜୟ ଦ୍ୱାର ନିକଟରେ ଗଜପତି ପ୍ରତାପ ରୁଦ୍ର ଦେବ, କପିଳେନ୍ଦ୍ର ଦେବଙ୍କ ସମୟରେ କଳା ମୁଗୁନି ପଥରରେ ଶିଳା ଲେଖ ଓଡ଼ିଆ ଭାଷାରେ ଉଲ୍ଲେଖ ଅଛି । ବନ୍ଦନା ସାହୁଙ୍କ ଭକ୍ତି ସଙ୍ଗୀତରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ମନୋରମା ମିଶ୍ର ସରସ୍ୱତୀ ବନ୍ଦନା ବୋଲିଥିଲେ । ଲକ୍ଷ୍ମୀପ୍ରିୟା ଓଝା ପ୍ରବାସୀ ଉତ୍କଳ ଉପରେ ସୂଚନା ଦେଇଥିଲେ । ଡକ୍ଟର ପ୍ରବୀଣା ପରିଡାଙ୍କ ସଂଚାଳନରେ କବିତା ପାଠ ହୋଇଥିଲା । ବେଙ୍ଗଲୋର୍ ସାହିତ୍ୟ ଅନୁଷ୍ଠାନରୁ ତାପସ ରାଜ ମହାରଣା, ଚେନ୍ନାଇ ସୃଜନୀ ପରିବାରର ଅଶୋକ ସାମନ୍ତ, ଚଲାପଥର ସମ୍ପାଦିକା ବିଜୟ ଲକ୍ଷ୍ମୀ ପଟ୍ଟନାୟକ, ବିଶ୍ୱାୟନରୁ ଗଗନ ବିହାରୀ ଦେ, ସନାତନ ମହାକୁଡ଼, ପ୍ରବାସୀରୁ ପାରମିତା ଷଡଙ୍ଗୀ, ଡକ୍ଟର ଅରୁନ୍ଧତୀ ମହାନ୍ତି, ମୈତ୍ରେୟୀ କମିଳା, ଡକ୍ଟର ବିଚିତ୍ରା ମଞ୍ଜରୀ ତ୍ରିପାଠୀ, ଜ୍ୟୋତି ପ୍ରଭା ପଟ୍ଟନାୟକ, ଡକ୍ଟର ସୁଜାତା ମୁଣ୍ଡ, ଗୀତା ଷଡଙ୍ଗୀ, ସବିତା ତ୍ରିପାଠୀ, ଜାଗୃତି ଉତ୍କଳରୁ ହିମାଂଶୁ ପ୍ରହରାଜ, ମା'ଶାରଳା ଗୃପରୁ ନଗେନ୍ଦ୍ର କୁମାର ରାଉତ ଯୋଗ ଦେଇ କାର୍ଯ୍ୟକ୍ରମର ସଫଳ ରୂପ ଦେଇଥିଲେ ।

ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

ଜଗତସିଂହପୁର, ନ୍ୟୁଜ ବ୍ୟୁରୋ
ସାଧାରଣ ନିର୍ବାଚନ ୨୦୨୪କୁ ଶାନ୍ତିପୂର୍ଣ୍ଣ ଏବଂ ହିଂସା ମୁକ୍ତ ଭାବେ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାବନା ସଭାଗୃହରେ ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟ୍ଟୱରି ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ପ୍ରଲୋଭନ ମୁକ୍ତ କରିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ । ଆଗାମୀ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ଓ 'ଜିରୋ ରି ପୋଲ'ର ଲକ୍ଷ୍ୟ ନେଇ ସମାପନ କରିବା କ୍ଷେତ୍ରରେ ପୋଲିସ ଓ ମାଜିଷ୍ଟ୍ରେଟମାନଙ୍କର ସମନ୍ୱୟ ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ । ଆରକ୍ଷୀ ଅଧିକ୍ଷକ ଶ୍ରୀ ରାହୁଲ ପି ଆର୍ କହିଲେ ଯେ, ନିର୍ବାଚନ ହେଉଛି ଚ୍ୟାଲେଞ୍ଜ ସହ ଉତ୍ସବର ମୁହୂର୍ତ୍ତ । ଏହା ଗଣତନ୍ତ୍ରର ମହାପର୍ବ । ତେଣୁ ଏହାର ସୁପରିଚାଳନା ନିମନ୍ତେ ପ୍ରତ୍ୟେକ ଆଇନ

ରକ୍ଷାକାରୀମାନଙ୍କ ମଧ୍ୟରେ ଆପୋଷ ବୁଝାମଣା ଓ ଆଲୋଚନା ଆବଶ୍ୟକ । ସେଥିପାଇଁ ପୋଲିସ ଓ ମାଜିଷ୍ଟ୍ରେଟମାନେ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା କରି ପଦକ୍ଷେପ ନେବା ନିମନ୍ତେ ସେ ପରାମର୍ଶ ଦେଇଥିଲେ । ତିର୍ତ୍ତୋଲ ଆର୍ ଓ ତଥା ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା କହିଥିଲେ 'ନିର୍ବାଚନର ପର୍ବ, ଦେଶର ଗର୍ବ', ତେଣୁ ସମସ୍ତ ସେକ୍ଟର ଅଫିସର ଓ ପୋଲିସ ସେକ୍ଟରଅଫିସରମାନେ ସହଯୋଗର ସହ କାମକରିବାକୁ ହେବ । ପାରାଦ୍ୱୀପ ଆର୍ ଓ ତଥା ଅତିରିକ୍ତ ଜିଲ୍ଲାପାଳ (ପାରାଦ୍ୱୀପ) ମିଳିତ ଭାବେ କାର୍ଯ୍ୟ କଲେ ସମସ୍ତ ସମସ୍ୟାର ସମାଧାନ କରି ଜିଲ୍ଲାରେ ଏକ ସୁସ୍ଥ ନିର୍ବାଚନ ସମ୍ଭବ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ । ବାଲିକୁଦା- ଏରସମା ଆର୍ ଓ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମିତ୍ କୁମାର ରାଉତ, ବିଡିଓ, ତହସିଲଦାର ଏବଂ ଥାନା ଅଧିକାରୀମାନଙ୍କୁ ଆଲୋଚନା ମାଧ୍ୟମରେ ସେମାନଙ୍କ ନିର୍ବାଚନ ମଣ୍ଡଳୀର ସୁବିଧା ଅସୁବିଧାକୁ ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ । ପରେ ଜଗତସିଂହପୁର ଆର୍ ଓ ତଥା ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ମଧ୍ୟ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକାକୁ ଅନୁସରଣ କରି ସମନ୍ୱୟର ସହ କାର୍ଯ୍ୟ କରିବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ନିଜ ନିର୍ବାଚନ ମଣ୍ଡଳୀର ସମ୍ବେଦନଶୀଳ ବୁଥ୍ ଗୁଡିକୁ ଚିହ୍ନଟ କରି ସେଠାରେ ବ୍ୟାପକ ଶାନ୍ତି ବ୍ୟବସ୍ଥା ସହ ଫୋର୍ସ ମଲ୍ଟିପ୍ଲାୟର ବ୍ୟବସ୍ଥା କରାଇବା ପାଇଁ ଜିଲ୍ଲାପାଳ ବିଡିଓ ଓ ତହସିଲଦାରମାନଙ୍କୁ କହିଥିଲେ । ବୁଥ୍ ଗୁଡିକରେ ବ୍ୟାରିକେଡ ବ୍ୟବସ୍ଥା କରିବା ପାଇଁ ଆରକ୍ଷୀ ଅଧିକ୍ଷକ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ଜିଲ୍ଲାପାଳ ନିର୍ବାଚନ ସମୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ ନିଜ ଶରୀରର ଯତ୍ନ ନେବା, ଖାଦ୍ୟ ପାନୀୟ ଠିକ୍ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା କ୍ଷେତ୍ରବାସୀ ଦାଶ ଶାରୀରିକ ସମସ୍ୟା ଦେଖାଦେଲେ ତୁରନ୍ତ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ କହିଥିଲେ । ନିର୍ବାଚନ ପାଇଁ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟାପକ ଔଷଧ, ଆମ୍ବୁଲାନ୍ସ ଓ ଜରୁରୀ ସେବା ସହ ଡାକ୍ତରମାନେ ଉପସ୍ଥିତ ରହିବେ ବୋଲି ଡ ଦାଶ ସୂଚନା ଦେଇଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ଥାନା ଅଧିକାରୀ ତଥା ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

କଟକରେ ନିର୍ମାଣ ହେବ ଶ୍ରୀରାମ ମନ୍ଦିର

କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ନିଷ୍ପତ୍ତି

କଟକ, ନ୍ୟୁଜ ବ୍ୟୁରୋ
ପୁଣ୍ୟଭୂମି ଉତ୍କଳର ପୁରାତନ ରାଜଧାନୀ କଟକ ମାଟିରେ ନିର୍ମାଣ ହେବ ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର । ମନ୍ଦିର ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସମିତିର ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର ପରିଚାଳନା କରିଥିଲେ । କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି, ମାରୁତିମଣ୍ଡପ ସ୍ଥିତ ସଭାଗୃହରେ ମୀନସଂକ୍ରାନ୍ତି ଉତ୍ସବ ଅବସରରେ ଲୋକସଂପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ପ୍ରାରମ୍ଭିକ ସୂଚନା ସହ ସାଧାରଣ ଜନତାଙ୍କ ଉତ୍ସାହ ପ୍ରଭୁଶ୍ରୀରାମଙ୍କ ମନ୍ଦିର ନିର୍ମାଣ ପ୍ରସ୍ତାବ ଆଗତ କରିଥିଲେ । ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ସହ ୫ରାତି ରାମଲୀଳା ମଞ୍ଚସ୍ଥ ହେବା ପ୍ରସ୍ତାବ ଉପସ୍ଥାପନ କରିଥିଲେ । ସାଧାରଣ ସଂପାଦକ ଦିଲ୍ଲିପ କୁମାର ସ୍ୱାଇଁ କର୍ମକର୍ତ୍ତାଙ୍କ ମତକୁ ନେଇ କମିଟି ଗଠନ କରିଥିଲେ । କୋଷାଧକ୍ଷ ସନ୍ତୋଷ କୁମାର ମଲ୍ଲିକ ଆୟ ବ୍ୟୟ ହିସାବ ଉପସ୍ଥାପନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୁଷ୍ପକାନ୍ତି ମହାନ୍ତି, ନଳିନ କୁମାର ସେନାପତି, ଜିତୁ ବାରିକ, ସୋମନାଥ ଦାସ, ଶାନ୍ତିଲତା ସେଠୀ, ଜିତେନ୍ଦ୍ର କୁମାର ଦାସ, କେଶବ ଚନ୍ଦ୍ର ବେହେରା, ସୁରେଶ ମହାନ୍ତି, ରଣଜିତ ଜେନା, ନିବାଶ ଚନ୍ଦ୍ର ମିଶ୍ର, ଶିବ କୁମାର ନାୟକ, ଶ୍ରୀକାନ୍ତ ବେହେରା, ନିତାଇ ଚରଣ ମହାରଣା, ପୁଟୁ ଯାଦବ, ଶିବ ଚରଣ ସିହ୍ନା, ସୁକାନ୍ତ ବିଶୋଇ, ମାଧବ ମିଶ୍ର, ବସନ୍ତ ବେହେରା, ରବି ଅଗ୍ରୱାଲ, ଲଲାଟେନ୍ଦୁ ବଟୁ, ବିଜୟ ବେହେରା, ବାସୁଦେବ ମଲ୍ଲିକ, କୀର୍ତ୍ତିଚନ୍ଦ୍ର ବିଶୋଇ, ଅଶୋକ କୁମାର ଦେ, ଭରତ କୁମାର ଦାସ, ଲକ୍ଷ୍ମୀପ୍ରୀୟା ଦାସ, ଭାଗ୍ୟଧର ବାରିକ, ପ୍ରାଣକୃଷ୍ଣ ସ୍ୱାଇଁ, ସଂଜୟ କୁମାର ଦଳେଇ, ବିବେକାନନ୍ଦ ଦାସ, ସୁବାଷ ଚନ୍ଦ୍ର ମୁଖି, ପ୍ରଦୀପ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ବିଜୟ କୁମାର ପାଇଟାଲ ରାମଧୁନ ଗାନ କରିଥିଲେ ।

ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ଜିଲ୍ଲା ସ୍ତରୀୟ ରୋଷେଇ ପ୍ରତିଯୋଗିତା

କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ
ଓଡ଼ିଶା ମିଲେଟ ମିଶନ ଓ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀର ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସ, ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ରାଉଳ, ସିଡିପିଓ କବିତା ନାୟକ, ବୈଜ୍ଞାନିକ ନମିତା ମହାପାତ୍ର, ଡ଼ଃ ପ୍ରଭଞ୍ଜନ ମିଶ୍ର, ଡ଼ଃ ଗାୟତ୍ରୀ ସାହୁ, ଡ଼ଃ ତାପସ ରଂଜନ ସାହୁ, ମାନସ ରଂଜନ ବେହେରା, ମୋନାଲିସା ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ୧୮ଟି ଗୋଷ୍ଠୀ ଏଥିରେ ଅଂଶ ଗ୍ରହଣ କରି ମାଣ୍ଡିଆ, ବାଜରା, କୋଦ, ସୁଆ, କ୍ଷିରା ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ବ୍ଲକର ବିଭିନ୍ନ ପଂଚାୟତରୁ ଅଂଶ ଗ୍ରହଣ କରିଥିବା ଏହି ମହିଳା ଗୋଷ୍ଠୀ ମାନଙ୍କ ମଧ୍ୟରୁ ୯ ଜଣଙ୍କୁ ମନୋନିତ କରାଯାଇ ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ପ୍ରତିଯୋଗୀମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ରୋଷେଇ କରିବା ପାଇଁ ସାମଗ୍ରୀ ପ୍ରଦାନ କରାଯାଇଥିଲା ।

ଗୋପାଳପୁରରେ କାଫେ ଆଣ୍ଡ ରେଷ୍ଟୁରାଣ୍ଟ

୧୦ ଅସ୍ଥାୟୀ କ୍ୟାବିନରୁ ୪ଟି ଭାଙ୍ଗିଗଲାଣି

ଗୋପାଳପୁର, ନ୍ୟୁଜ ବ୍ୟୁରୋ
ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏବଂ ସେମାନଙ୍କ ସୁବିଧା ପାଇଁ ସ୍ୱଦେଶ ଦର୍ଶନ ଯୋଜନାରେ ଗୋପାଳପୁର ଠାରେ ନିର୍ମାଣ କରାଯାଇଛି କାଫେ ଆଣ୍ଡ୍ ରେଷ୍ଟୁରାଣ୍ଟ୍ । ଏଥିରେ ଲକ୍ଷାଧିକ ଟଙ୍କା ବ୍ୟୟରେ ୧୦ଟି ଅସ୍ଥାୟୀ କ୍ୟାବିନ୍ ନିର୍ମାଣ କରାଯାଇଛି । ଏଥିରୁ ୪ଟି ଅସ୍ଥାୟୀ କ୍ୟାବିନ୍ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଭଙ୍ଗାଦଦରା ଅବସ୍ଥାରେ ଏହି କ୍ୟାବିନ୍ ଗୁଡ଼ିକ ରହିଥିବା ବେଳେ ପ୍ରଶାସନର ଦୃଷ୍ଟି ପଡୁନଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ୧୦ଟି ଅସ୍ଥାୟୀ କ୍ୟାବିନ୍ ମଧ୍ୟରୁ ୬ଟି କ୍ୟାବିନ୍ ଆଡ୍‌ଭାନଚର ପାର୍କ ମଧ୍ୟରେ ସ୍ଥାପନ କରାଯାଇଥିବା

ବେଳେ ଦୁଇଟି ପାର୍କ ଭିତରେ ଏବଂ ଅନ୍ୟ ଦୁଇଟି ଇକୋ ରିଟ୍ରିଟ୍ ସେଣ୍ଟର ମଧ୍ୟରେ ସ୍ଥାପନ କରାଯାଇଛି । ପାର୍କ ନିକଟରେ ଥିବା କିଛି କ୍ୟାବିନ୍ କାମରେ ଲାଗୁଥିବା ବେଳେ ପାର୍କ ଭିତରେ ଓ ଇକୋ ରିଟ୍ରିଟ୍ ସେଣ୍ଟର ନିକଟରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା କ୍ୟାବିନ୍ ଗୁଡ଼ିକ କାମରେ ଲାଗୁନଥିବାରୁ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ ସ୍ୱଦେଶ ଦର୍ଶନ ଯୋଜନାରେ କରୋନା ସମୟରେ ପ୍ରଶାସନ ପକ୍ଷରୁ ୧୦ଟି ଅସ୍ଥାୟୀ କ୍ୟାବିନ୍ ବେଳାଭୂମିରେ ସ୍ଥାନ କରାଯାଇଥିଲା । ବେଳାଭୂମିକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ସେଠାରୁ ନିଜ ପସନ୍ଦର ଖାଦ୍ୟ କିଣି ଖାଇ ପାରିବେ ବୋଲି ଲକ୍ଷ୍ୟ ରଖାଯାଇଥିଲା । ବେଳାଭୂମିରେ ଅସ୍ଥାୟୀ କ୍ୟାବିନ୍ ରହିବା ଫଳରେ ବେଳାଭୂମି ପ୍ରଦୂଷଣ ହେବାର ସମ୍ଭାବନା ଦର୍ଶାଇ ଗୋପାଳପୁରବାସୀ ଜିଲ୍ଲାପାଳ, ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏଠାରୁ ହଟାଇ ନେବାକୁ ଦାବି କରିଥିଲେ । ଦାବି ଅନୁଯାୟୀ ଉକ୍ତ କ୍ୟାବିନ୍ ଗୁଡ଼ିକୁ ବେଳାଭୂମିରୁ ହଟାଇ ନିଆଯାଇଥିଲା । ବର୍ତ୍ତମାନ ଏଗୁଡ଼ିକୁ ପାର୍କ ଓ ଇକୋ ରିଟ୍ରିଟ୍ ମଧ୍ୟରେ ରଖାଯାଇଥିବା ବେଳେ ଏହା ନଷ୍ଟ ହୋଇ ପଡ଼ିଥିବା ଦେଖିବାକୁ ମିଳୁଛି। ପ୍ରଶାସନ ଏହାର ମରାମତି କରି କାମରେ ବ୍ୟବହାର କରାଇବା ପାଇଁ ସାଧାରଣରେ ଦାବି ହୋଇଛି ।

ଜେଲ୍‌ରୁ ମୁକୁଳିଲେ ଆଦିବାସୀ ନେତା ଜିତୁ ଜାକାସିକା

ବିଷମ କଟକ, ନ୍ୟୁଜ ବ୍ୟୁରୋ
ଗତ ମାସରେ ମୁନିଗୁଡା ବ୍ଲକ୍ ଅନ୍ତର୍ଗତ ମୁନିଖୋଲ ପଞ୍ଚାୟତର ସକୋଟା ଗ୍ରାମ ଠାରେ ଥିବା ଗୋଷ୍ଠୀ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଡକ୍ଟର ଓ ଜିତୁଙ୍କ ମଧ୍ୟରେ ଗଣ୍ଡଗୋଳ ସହ ହାତାହାତି ହୋଇ ଡକ୍ଟରଙ୍କୁ ମାରିବା ନେଇ ଏକ କେସ୍ ମୁନିଗୁଡା ଥାନାରେ ମାମଲା ରୁଜୁ ହୋଇ ଥିଲା । ଜିତୁ ଗିରଫ ହୋଇ ଜେଲ୍‌ରେ ଥିଲେ । ଦୀର୍ଘ ପନ୍ଦରଦିନ ପରେ ଜେଲ୍‌ରୁ ବାହାରି ଛନ୍ତି ଜିତୁ ଜାକାସିକା। ତାଙ୍କର ସମର୍ଥକମାନେ ଏକ ବିରାଟ ପଟୁଆରରେ ପ୍ରଥମେ ମା'ମର୍କମା ମନ୍ଦିରକୁ ଯାଇ ପୂଜା ଅର୍ଚ୍ଚନା କରି ବାହାରି ବିଷମ କଟକ ସଦର ପରିକ୍ରମା କରିଥିଲେ । ଜିତୁ ଭାଇ ଜିନ୍ଦାବାଦ ନାରା ଦେଇଥିଲେ । ଏହି ଶୋଭାଯାତ୍ରାରେ ବହୁ କର୍ମୀ ଓ ବହୁ ସମର୍ଥକ ଉପସ୍ଥିତ ଥିଲେ।

ଏଥର ଦୋଳରେ ଆକର୍ଷଣ ସାଜିବ କାଠଗଡ଼ା ସାହି

ଦୁଇ କୋଟି ଟଙ୍କାର ସୁନା ବିମାନ ନିର୍ମାଣ

କଟକ,ନ୍ୟୁଜ ବ୍ୟୁରୋ
ଦୁର୍ଗାପୂଜାରେ ସୁନାଚାନ୍ଦିରେ ଚମକ ପାଇଁ ଚର୍ଚ୍ଚାରେ ଥିବା କଟକ ସହର ଏଥର ଦୋଳରେ ନୂଆ ଆକର୍ଷଣ ସୃଷ୍ଟି କରିବାକୁ ଯାଉଛି । ଏଥର ଦୋଳରେ ପ୍ରଥମ ସୁନା ବିମାନ କଟକ କାଠଗଡ଼ା ସାହିରେ ଦେଖିବାକୁ ମିଳିବ । ପ୍ରାୟ ଦୁଇ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ବିମାନ ବେଶ୍ ଆକର୍ଷଣୀୟ ହେବ । ଏଭଳି ସୁନା ବିମାନରେ ଦୋଳ ଠାକୁର ଭୋଗ ଖାଇବା ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି । କିଛି ବର୍ଷ ମଧ୍ୟରେ କଟକ ସହରରେ ଅନେକ ପୂଜା କମିଟି ତରଫରୁ ଚାନ୍ଦି ବିମାନ ତିଆରି କରାଯାଇଛି । ଚୌଧୁରୀବଜାର,

କାଠଗଡ଼ା ସାହି, ଝୋଲାସାହି, ତେଲେଙ୍ଗାବଜାର, ସାଆନ୍ଧ୍ର ସାହି, ପିଠାପୁର ସମେତ ଆହୁରି ଅନେକ କମିଟି ଚାନ୍ଦି ବିମାନ ନିର୍ମାଣ କରିଛନ୍ତି । କିନ୍ତୁ ପ୍ରଥମଥର ପାଇଁ କାଠଗଡ଼ାସାହି ମଦନମୋହନ ଜୀଉ ଦୁର୍ଗା କମିଟି ତରଫରୁ ସୁନାର ବିମାନ କରାଯାଉଛି। ପୂର୍ବରୁ ଚାନ୍ଦି ବିମାନକୁ ନେଇ ମେଳଣରେ ସାମିଲ୍ ହେଉଥିବା ଏହି କମିଟି ଏଥର ୪କିଲୋ ସୁନାରେ ବିମାନ ତିଆରି କରୁଛି । ଚଳିତବର୍ଷ ଅଢେଇ କିଲୋ ଓଜନରେ ବିମାନର ପ୍ରାୟ ୭୦ଭାଗ କାମ ଶେଷ ହୋଇଛି । ଏହି ବିମାନକୁ ନେଇ କମିଟି ଏଥର ମେଳଣକୁ ଓହ୍ଲାଇବ । ଆସନାବର୍ଷ ଆଉ ଦେଢ କିଲୋ ସୁନା ଏଥିରେ ଯୋଡ଼ାଯାଇ ପୂର୍ଣ୍ଣାଙ୍ଗ କରିବାକୁ କମିଟି ଯୋଜନା କରିଛି । କମିଟି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଗତ ଦୁର୍ଗାଷ୍ଟମୀରେ ଏକ କିଲୋ ସୁନାରେ ଦୋଳ ବିମାନ ତିଆରି ପାଇଁ ପୂଜା କରାଯାଇଥିଲା । ନୂଆବର୍ଷରୁ ଏହି କାମ ଆରମ୍ଭ ହୋଇଥିଲା । ପ୍ରଥମଥର ପାଇଁ ସୁନା ବିମାନ ତିଆରି କରି କାଠଗଡ଼ା ସାହି ମଦନମୋହନ ଜୀଉ ଦୁର୍ଗା କମିଟି କାର୍ଯ୍ୟକର୍ତ୍ତାମାନେ ବେଶ୍ ଆନନ୍ଦିତ ହୋଇଛନ୍ତି । ଡିସିପିଙ୍କ ସହ ଆଲୋଚନା କରାଯାଇଛି ଏବଂ ବନ୍ଧୁକଧାରୀ ପୁଲିସ ଫୋର୍ସଙ୍କ ଉପସ୍ଥିତିରେ ସୁନା ବିମାନ ମେଳଣକୁ ଯିବ ବୋଲି କମିଟି ତରଫରୁ କୁହାଯାଇଛି । ଅଧିକାରୀ ବିରଞ୍ଚି ନାରାୟଣ ମହାରଣା, ମହନ୍ତି ଦୁର୍ଗାଚରଣ ମହାରଣା, କଟୁଆଳ ଶିବ ସାହୁ, ସାହିର ସଭାପତି ବିଜନ କୁମାର ସିହ୍ନା, ସମ୍ପାଦକ ସଦାଶିବ ଓଝା, ଯୁବକ ସଂଘ ସଭାପତି ମନୋଜ କୁମାର ମହାରଣା, ସମ୍ପାଦକ ଗଗନ ଓଝାଙ୍କ ସମେତ ସାହିବାସିନ୍ଦାଙ୍କ ସହଯୋଗରେ ଏହା ପୂର୍ଣ୍ଣାଙ୍ଗ ରୂପ ନେବ। ସୂଚନାଯୋଗ୍ୟ, ଦୁର୍ଗାପୂଜାରେ କାଠଗଡ଼ା ସାହି କଟକ ସହରର ଦଶମ ପୂଜା କମିଟି ଭାବେ ଭାବେ ଚାନ୍ଦି ମେଢ ତିଆରି କରିଥିଲା । ଏହାପରେ ଦେବୀଙ୍କ ଦୁଇଟି ସୁନା

ପକ୍ଷାନ୍ତରୀୟ
30 YEARS
ସମ୍ବାଦ କଳିକା

କର୍ପୋରେଟ୍ ଜଗତରେ ଜିଏସଟି ଆତଙ୍କ

କର୍ପୋରେଟ୍ ଜଗତ ପାଇଁ ନୂଆବର୍ଷ ଖୁସି ଆଣିବା ବଦଳରେ ଚିନ୍ତାର କାରଣ ପାଲଟିଛି। ବହୁ ସଂଖ୍ୟାରେ କଂପାନିକୁ ଜିଏସ୍‌ଟି ନୋଟିସ୍ ମିଳିଛି। ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)କୁ ୮୦୬ କୋଟି ଟଙ୍କାର ନୋଟିସ୍ ମିଳିଥିଲା। ପ୍ରଥମେ ମହାରାଷ୍ଟ୍ର ଓ ପରେ ତେଲେଙ୍ଗାନା ପକ୍ଷରୁ ଏଲ୍‌ଆଇସିକୁ ଜିଏସ୍‌ଟି ନୋଟିସ୍ ପଠାଯାଇଛି।
ସେହିପରି, ହିନ୍ଦୁସ୍ଥାନ ୟୁନିଲିଭରକୁ ୪୪୭.୫ କୋଟି ଟଙ୍କାର ଜିଏସ୍‌ଟି ନୋଟିସ୍ ମିଳିଛି। ପାଞ୍ଚଟି ରାଜ୍ୟ ଏହି ନୋଟିସ୍ ପଠାଇଛନ୍ତି। ଜୋମାଟୋକୁ ୪୦୨ କୋଟି ଟଙ୍କାର ନୋଟିସ୍ ମିଳିଛି। ଆଇସର ମୋଟର୍ସ, ଏସିଆନ ପେଣ୍ଟସ୍, ନେସ୍‌ଲେ ଇଣ୍ଡିଆ ଏବଂ ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ୍‌କୁ ମଧ୍ୟ ଜିଏସ୍‌ଟି ନୋଟିସ୍ ମିଳିଛି। ଗେମିଂ ଶିଳ୍ପକୁ ୧.୫ ଲକ୍ଷ କୋଟି ଟଙ୍କାର ଟିକସ ନୋଟିସ୍ ପଠାଯାଇଥିବା ବେଳେ ବୀମା ଶିଳ୍ପକୁ ୫,୫୦୦ କୋଟି ଟଙ୍କା ଏବଂ ରିଅଲ ଇଷ୍ଟେଟ୍ ଶିଳ୍ପକୁ ୨୦୦୦ କୋଟି ଟଙ୍କାର ଟିକସ ନୋଟିସ୍ ଜାରି କରାଯାଇଛି। ଟିକସ ନୋଟିସ୍ ପାଇଥିବା କଂପାନିଗୁଡ଼ିକର ଚିନ୍ତା ବଢ଼ିଯାଇଛି। ସେମାନେ ଗୁରୁତ୍ୱପୂର୍ଣ୍ଣ କାମ ଉପରୁ ଧ୍ୟାନ ହଟାଇ ଟିକସ ସମସ୍ୟାର ସମାଧାନ କରିବା ଉପରେ ମନୋନିବେଶ କରିଛନ୍ତି। କିଛି କଂପାନି ଗୁରୁତ୍ୱପୂର୍ଣ୍ଣ ଅଧିଗ୍ରହଣ ଓ ମିଶ୍ରଣକୁ ଟାଳି ଦେଇଥିବା ବେଳେ ଆଉ କିଛି ସଂସ୍ଥା କୋର୍ଟଙ୍କ ଦ୍ୱାରସ୍ଥ ହେବା ଉପରେ ବିଚାର କରୁଛନ୍ତି। ଯାହା ଜଣାପଡ଼ିଛି ପ୍ରଯୁକ୍ତିକୁ ବ୍ୟବହାର କରି ଏକାଧିକ ନୋଟିସ୍ ପଠାଯାଇଛି। କମ୍ପ୍ୟୁଟରରୁ ସୃଷ୍ଟି ହୋଇଥିବା ଏହି ନୋଟିସ୍‌ଗୁଡ଼ିକ ପଛରେ ମାନବ ହସ୍ତକ୍ଷେପ ନାହିଁ। ଆଶ୍ଚର୍ଯ୍ୟର ବିଷୟ ହେଉଛି ନୋଟିସ୍‌ଗୁଡ଼ିକରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ମଧ୍ୟ କରାଯାଇନାହିଁ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା, କମଳା, ଶ୍ରୀ ହରପ୍ରିୟା ଇନ୍ଦିରା, ଲୋକ ମାତା, ମା' କ୍ଷୀରବ୍ଧୀ ତନୟା ରମା ।'

ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

ଲୋକନାୟକ ଜୟପ୍ରକାଶ ନାରାୟଣ (୩)

ଡକ୍ଟର ସର୍ବେଶ୍ୱର ସେଣ

ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

(ପୂର୍ବ ପ୍ରକାଶନ ଉତ୍ତାରୁ)

ମାର୍କ୍ସପନ୍ଥୀ ଜୟପ୍ରକାଶ; ମାତ୍ର ଗଣତାନ୍ତ୍ରିକ ସମାଜବାଦରେ ସେ ବିଶ୍ୱାସୀ। ସେ ସାମାଜିକ ବିପ୍ଳବ ସପକ୍ଷରେ। କିନ୍ତୁ ଲକ୍ଷ୍ୟ ସାଧନ ପାଇଁ ହିଂସା ନୁହେଁ, ଅହିଂସା ତଥା ଶାନ୍ତିପୂର୍ଣ୍ଣ ସଂଗ୍ରାମ ଚାହୁଁଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ପରର ଜନତାଙ୍କ ଦୁର୍ଦ୍ଦଶା ମୋଚନ, ଏଥି ପାଇଁ ଲୋଡ଼ା ସାମାଜିକ ସାମ୍ୟବାଦ ଆଉ ଆର୍ଥନୀତିକ ବୈଷମ୍ୟ ଦୂରୀକରଣ। ସତ୍ୟ, ଶାନ୍ତି, ସହଯୋଗ, ସହନଶୀଳତା, ସ୍ୱତନ୍ତ୍ରତା, ସ୍ୱାର୍ଥତ୍ୟାଗ - ଏଗୁଡ଼ିକ ସୁସ୍ଥ ଗଣତାନ୍ତ୍ରିକ ମୂଲ୍ୟବୋଧର ନିଦର୍ଶନ। ଏଥି ସହ କ୍ଷମତା ବିକେନ୍ଦ୍ରୀକରଣ ଉପରେ ସେ ଜୋର ଦେଉଥିଲେ। ଗଣତନ୍ତ୍ରରେ ଏକଛତ୍ରବାଦର ସ୍ଥାନ ନାହିଁ - ଏହା ଥିଲା ତାଙ୍କର ବଳିଷ୍ଠ ଆହ୍ୱାନ। ତାଙ୍କ ରାଜନୀତିର ଅନ୍ତିମ ଲକ୍ଷ୍ୟ 'ସମ୍ପୂର୍ଣ୍ଣ ବିପ୍ଳବ' ସହ ସମ୍ପୂର୍ଣ୍ଣ କ୍ରାନ୍ତି। ଏହି ସମ୍ପୂର୍ଣ୍ଣ ବିପ୍ଳବର ସାତଟି ବିପ୍ଳବର ସମାହାର - ସାମାଜିକ, ଆର୍ଥନୀତିକ, ରାଜନୀତିକ, ସାଂସ୍କୃତିକ, ଆଦର୍ଶଗତ, ଶିକ୍ଷାଗତ, ଆଧ୍ୟାତ୍ମିକ ବିପ୍ଳବ। ପ୍ରଥମେ ହୃଦୟ ପରିବର୍ତ୍ତନ ଲୋଡ଼ା, ତାହା ନ ହେଲେ କୌଣସି ବିପ୍ଳବ ସମ୍ଭବ ନୁହେଁ। କ୍ଷମତାଧାରୀଙ୍କ ହୃଦୟ ପରିବର୍ତ୍ତନ ବିପ୍ଳବର ପଥ ସୁଗମ କରେ। ଜନଜାଗରଣ ବିପ୍ଳବର ମୂଳଦୁଆ। ଏସବୁ ସଂଗଠିତ ହେଲେ ଭାରତ ତା' ଶ୍ମଶାନରୁ ଜାଗରଣ ଲାଭ କରିବ - ଏଇଟି ଥିଲା ଜୟପ୍ରକାଶଙ୍କ ଅନ୍ତର କଥା। ଗାନ୍ଧିଜୀଙ୍କ ଅକାଳ ବିୟୋଗ ହେଲା। ତାଙ୍କ ଅବର୍ତ୍ତମାନରେ ଏକ ବିରାଟ ଶୂନ୍ୟସ୍ଥାନ। ଏହାକୁ କିଛି ମାତ୍ରାରେ ପୂରଣ କଲେ ଜୟପ୍ରକାଶ। ସ୍ୱାଧୀନ ଭାରତ ବର୍ଷରେ ତାଙ୍କରି ଆଦର୍ଶ ଆନ୍ଦୋଳନାତ୍ମକ ଇତିହାସ ରଚିଲା, ପ୍ରଥମରୁ ସେ ଥିଲେ ମାର୍କ୍ସପନ୍ଥୀ, ପରେ ଗାନ୍ଧିଜୀଙ୍କ ଆଦର୍ଶ ବିମୋହିତ ହେଲେ। ବିଭିନ୍ନ ଯୁକ୍ତି, ଦର୍ଶନ ତାଙ୍କ ମନକୁ ଆନ୍ଦୋଳିତ କଲା। ସର୍ବୋଦୟ ମାଧ୍ୟମରେ ସେ ସାମାଜିକ ପରିବର୍ତ୍ତନ ଆଣି ପାରିବେ - ଶେଷରେ ଏ ବିଶ୍ୱାସଟି ପୋଷଣ କଲେ। ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ବିପ୍ଳବରେ ମନୋନିବେଶ କଲେ।

କଂଗ୍ରେସ ସହ ବିଚାରଗତ ବିଭେଦ। ଏଥିପାଇଁ ନେହେରୁଙ୍କ ମନ୍ତ୍ରୀମଣ୍ଡଳରେ ଯୋଗ ଦେଲେନି। ସମାଜସେବା, ଦୁର୍ନୀତି ଦୂରୀକରଣରେ ନିଜକୁ ନିୟୋଜିତ କଲେ। ଭାରତ ସ୍ୱାଧୀନ ହେଲା, ଜନତାର ବହୁଦିନ ଆଶା, ଆକାଂକ୍ଷା ସଫଳ ହେବ। ଦୁର୍ନୀତି ଉଭେଇ ଯିବ, ସୁଖ ଶାନ୍ତି ବିରାଜମାନ କରିବ; ମାତ୍ର ଏ ଆଶା ଆଶାରେ ରହିଗଲା। ମୁକ୍ତିଯୁଦ୍ଧର ବହୁ ଆଗଧାଡ଼ିର ନେତା, କ୍ଷମତାକୁ ଜାବୁଡ଼ି ଧରିଲେ। ଏ କଥାଟି ଗାନ୍ଧିଜୀ ଚାହୁଁ ନଥିଲେ। ତୃଣମୂଳ ସ୍ତରରେ ଜନତା ଜନାର୍ଦ୍ଦନଙ୍କ ସେବା କରିବାକୁ କହିଥିଲେ। କିନ୍ତୁ ଫଳ ହେଲା ବିପରୀତ, କ୍ଷମତାଧାରୀଏ ଘିଅ ମହୁରେ ଭାସିଲେ। ଦୁର୍ବଳ ଶାସନ, ଆର୍ଥନୀତିକ ଦୁରବସ୍ଥା, ଗରିବଙ୍କ ଦୁଃଖ ବଢ଼ିଲା। ଦେଶ ପାଇଁ ସର୍ବସ୍ୱ ତ୍ୟାଗୀ ଜୟପ୍ରକାଶ। ଗଭୀର ଭାବେ ବ୍ୟଥିତ ହେଲେ। ଗୁଜୁରାଟ, ବିହାରର ଉତ୍ସାହୀ ଯୁବକମାନଙ୍କୁ ଏକଜୁଟ କଲେ, ଆରମ୍ଭ ହେଲା ନବନିର୍ମାଣ ଆନ୍ଦୋଳନ। ଜୟପ୍ରକାଶ ଦେଲେ ସମ୍ପୂର୍ଣ୍ଣ ବିପ୍ଳବର ଆହ୍ୱାନ। ଏଥିରେ ନେଲେ ବଜ୍ର ଶପଥ, କ୍ଷୁଧା, ଦାରିଦ୍ର୍ୟ ପ୍ରପୀଡ଼ିତ ମେହନତୀ ମଣିଷ। ସେମାନଙ୍କ ମୁହଁରେ ହସ ଫୁଟାଇବା, ଶାସନ ବ୍ୟବସ୍ଥାକୁ ପବିତ୍ର କରିବାକୁ ସଂଗ୍ରାମ ଆରମ୍ଭ ହେଲା। ଜୟପ୍ରକାଶ ଚାହିଁଲେ ସମ୍ପୂର୍ଣ୍ଣ ସାମାଜିକ ପରିବର୍ତ୍ତନ। ଜାତି, ଧର୍ମ, ବର୍ଣ୍ଣ, ଆଞ୍ଚଳିକ ବିଭେଦତାକୁ ନେଇ ଶୋଷଣ ନୀତି, ଏ ସବୁର ଯୋର୍ ବିରୋଧ କଲେ, ସମାଜର ସବୁଠୁ ତଳବର୍ଗ ମଣିଷ ବଞ୍ଚିବ ସୁଖ ଶାନ୍ତିରେ - ଏଇ କଥାଟି ଉପରେ ଗୁରୁତ୍ୱ ଦିଆଗଲା। ୧୯୭୫ ମସିହା, ହଜାର ହଜାର ସ୍ୱାକ୍ଷରରେ ପ୍ରସ୍ତୁତ ସନନ୍ଦ ପତ୍ର (ପିପୁଲ୍‌ସ ଚାର୍ଟର) ଲୋକସଭା ବାଚସ୍ପତିଙ୍କ ନିକଟକୁ ପ୍ରେରିତ ହେଲା। ସମାଜରେ ଏକ ନୂତନ ଶୃଙ୍ଖଳା ସୃଷ୍ଟି ହେବ, ଏଥିପାଇଁ ସାମାଜିକ, ଆର୍ଥନୀତିକ ସମତା ସାଙ୍ଗକୁ ଏକ ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ କାର୍ଯ୍ୟ ପନ୍ଥା ସ୍ଥିରୀକୃତ ହେଲା। ଗଣତନ୍ତ୍ର ରାଷ୍ଟ୍ରଶକ୍ତି ନୁହେଁ, ଲୋକଶକ୍ତି ହିଁ ସର୍ବାଗ୍ରେ। ଯେଉଁ ସରକାର ଅସାଧୁ, ସମୂହ କଲ୍ୟାଣ ବିମୁଖ, ଦୁର୍ନୀତି ମୁକ୍ତ ନୁହେଁ, ସେ ସରକାର ଗାଦିରେ ରହିବା ଅଧିକାର ନାହିଁ। 'ଲୋକଶକ୍ତି' ସେ ସରକାରକୁ ହଟେଇ ଦେଇ ପାରିବ - ଏ କଥାଟି ଜୟପ୍ରକାଶ ଦୃଢ଼କଣ୍ଠରେ ଘୋଷଣା କଲେ।

୧୨ ଜୁନ୍ ୧୯୭୫ ମସିହା। ଜାତୀୟ ରାଜନୀତିରେ ସୃଷ୍ଟି ହେଲା ଏକ ନାଟକୀୟ ହଟଚମଟ। ସେବେକା ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ। ଅସାଧୁ ଉପାୟ ଅବଲମ୍ବନ, ନିର୍ବାଚନରେ ଚଞ୍ଚକତା ଯୋଗୁଁ ଏହ୍ଲାବାଦ ହାଇକୋର୍ଟ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କଲେ। ଜୟପ୍ରକାଶ ଇନ୍ଦିରାଙ୍କୁ ଇସ୍ତଫା ଦେବାକୁ ପରାମର୍ଶ ଦେଲେ। ଇନ୍ଦିରା ଏଥିପ୍ରତି ଭ୍ରୂକ୍ଷେପ କଲେନି, ଜାରି କଲେ ଇମରଜେନ୍‌ସି (୨୬ ଜୁନ୍)। ରାତି ରାତି ଜୟପ୍ରକାଶ ସମେତ ବହୁ ତୁଙ୍ଗନେତାଙ୍କୁ ଗିରଫ କରାଗଲା। ଅପହୃତ ହେଲା ସମ୍ବାଦପତ୍ରର ସ୍ୱାଧୀନତା। ସ୍ୱାଧୀନ ଭାରତ; ମାତ୍ର ସର୍ବତ୍ର ସ୍ୱଦେଶୀ ଶାସନର ଭୟ ଆଉ ଆତଙ୍କ, ଗଭୀର ଭାବେ ମର୍ମାହତ ଜୟପ୍ରକାଶ। ମନରେ ତାଙ୍କର ଶତ ଶତ ପ୍ରଶ୍ନ - "ଏଇଭଳି ଏକ ଦୁର୍ଦ୍ଦିନ ପାଇଁ କ'ଣ ମୁକ୍ତି ସଂଗ୍ରାମ ଜାରି ରହିଥିଲା?"

୧୯୭୭ରେ ଇମରଜେନ୍‌ସି ଉଠାଇ ଦିଆଗଲା। ଘୋଷିତ ହେଲା ସାଧାରଣ ନିର୍ବାଚନ। ସବୁ ବିରୋଧୀ ଦଳକୁ ଏକତ୍ର ହେବାକୁ ଆହ୍ୱାନ ଦେଲେ ଜୟପ୍ରକାଶ। ଗଠିତ ହେଲା 'ଜନତା ପାର୍ଟି'। ଏ ନିର୍ବାଚନ ଟାଣି ଆଣିଲା କଂଗ୍ରେସର ଦୁର୍ଭାଗ୍ୟ। ଇନ୍ଦିରାଗାନ୍ଧୀ ପରାସ୍ତ ହେଲେ, କଂଗ୍ରେସର ଅସ୍ତିତ୍ୱ ଏକ ପ୍ରକାର ଲୋପ ପାଇଗଲା। ବିଜୟ ହେଲା ଲୋକଶକ୍ତିର। ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମର ଜୟଯାତ୍ରା ଆରମ୍ଭ ହେଲା। ବ୍ୟକ୍ତିର ଦର୍ଶନ, ଆଦର୍ଶ, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ଏ ସବୁ ଭିନ୍ନ କଥା; ବହୁ ଦଳ, ବହୁ ନେତା, ଭିନ୍ନ ଭିନ୍ନ ଆଦର୍ଶ, କେତେ ଦିନ ବା ଏକାକି ତିଷ୍ଠି ରହିପାରନ୍ତା? ଜନତା ଦଳ ଗାଦିରେ ରହିଲା। ପ୍ରଧାନମନ୍ତ୍ରୀ ହେଲେ ମୋରାରଜୀ ଦେଶାଇ। ମାତ୍ର ଦୁଇବର୍ଷ ମଧ୍ୟରେ ମୋରାରଜୀ ଦେଶାଇ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ (୧୯୭୯)। ଭାଙ୍ଗିଗଲା ଜନତା ପାର୍ଟି। ଗଭୀର ଭାବେ ମର୍ମାହତ ହେଲେ ଜୟପ୍ରକାଶ। ଏହା ସତ୍ତ୍ୱେ ସମ୍ପୂର୍ଣ୍ଣ ବିପ୍ଳବ ଚିନ୍ତାଧାରାରୁ ସେ ନିବୃତ୍ତ ହୋଇ ନଥିଲେ।

ସାମ୍ପ୍ରତିକ ସ୍ଥିତିରେ ଭାରତବର୍ଷରେ ସମ୍ପୂର୍ଣ୍ଣ ବିପ୍ଳବର ପରିବେଶ ଭିନ୍ନ। ଗ୍ରାମ୍ୟସ୍ତରରୁ ସମ୍ପ୍ରସାରିତ ହୋଇ ନଗର କେନ୍ଦ୍ରିତ ହେବା ହିଁ ଭାରତର ସମ୍ପୂର୍ଣ୍ଣ ବିପ୍ଳବ। ସରଳ ଅର୍ଥରେ କହିଲେ ସାମାଜିକ ଜୀବନର ସମ୍ପୂର୍ଣ୍ଣ ବିପ୍ଳବ, ସମାଜରେ ଦୁର୍ବଳ ଶ୍ରେଣୀର ସମ୍ପୂର୍ଣ୍ଣ ବିପ୍ଳବର ଭୂମିକା ଏ ସମ୍ପର୍କରେ ଜୟପ୍ରକାଶ ନିଜର ମତ ରଖିଥିଲେ। ସମାଜର ଉଚ୍ଚବର୍ଣ୍ଣ ଦୁର୍ବଳ ଶ୍ରେଣୀ ପ୍ରତି ସମ୍ବେଦନଶୀଳ ହେବେ, ତାହା ନ ହେଲେ ସମାଜ ପରିବର୍ତ୍ତନ ଅସମ୍ଭବ। ଦୁର୍ବଳ ଶ୍ରେଣୀ ନିଜର ହକ୍ ପାଇଁ ପ୍ରସ୍ତୁତ ହେବେ, ଠିକଣା ସମୟରେ ସ୍ୱର ଉତ୍ତୋଳନ କରିବେ। ଏଥି ପାଇଁ ଲୋଡ଼ା ଦୃଢ଼ ସଂଗଠନ। ଏକ ସୁନ୍ଦର, ସ୍ୱୟଂସମ୍ପୂର୍ଣ୍ଣ ସମାଜ ଗଠନ - ଏଇଟି ଥିଲା ଜୟ ପ୍ରକାଶଙ୍କ "ସମ୍ପୂର୍ଣ୍ଣ ବିପ୍ଳବର" ମୂଳକଥା।

ଜୟପ୍ରକାଶ ଦେଶ ପାଇଁ ଲଢ଼ିଲେ, ଲହୁ ଲୁହ ଢାଳିଲେ। ଶେଷରେ କ୍ଷମତା ରାଜନୀତିରୁ ଦୂରରେ ରହିଲେ। ଭାରତୀୟ ସମାଜବାଦୀ ଆନ୍ଦୋଳନ ପାଇଁ ଏହା ଥିଲା ଏକ ଶକ୍ତ ଧକ୍‌କା। ତତ୍ତ୍ୱଦର୍ଶୀ, ଦୂରଦ୍ରଷ୍ଟା ଜୟପ୍ରକାଶ। ତରୁଣର ତାରୁଣ୍ୟ, ସମାଜବାଦରେ ଅବଗାହିତ ଜୟପ୍ରକାଶ। ସମୟ ଗଡ଼ିଲା। ଜୟପ୍ରକାଶଙ୍କ ଚିନ୍ତାଧାରାରେ ଘଟିଲା ବିରାଟ ପରିବର୍ତ୍ତନ। ଭାରତର ଆର୍ଥନୀତିକ ସ୍ଥିତି ସହ ସାମାଜିକ ବିଧିବିଧାନ - ବ୍ୟବସ୍ଥା, ଏ ସ୍ଥିତିରେ ବୈପ୍ଳବିକ ସମାଜବାଦ ସେତେଟା ଫଳପ୍ରଦ ହେବନି। ବଦଳିଲା ତାଙ୍କର ମତି ଗତି, ଆଦର୍ଶ। ଭାରତ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ସମାଜବାଦ କଥା ଚିନ୍ତାକଲେ, କାମରେ ବି ଲଗାଇଲେ। ତାଙ୍କ ଦ୍ୱାରା ରଚିତ ପୁସ୍ତକ 'ସମାଜବାଦରୁ ସର୍ବୋଦୟ'। ସମାଜବାଦ କେବଳ ଆର୍ଥନୀତିକ ସମତା ନୁହେଁ, ସୁସ୍ଥ ଜୀବନ ଧାରଣର ଏକ ପନ୍ଥା। ସମାଜର ସଫଳତା ସୁସ୍ଥ ଗଣତନ୍ତ୍ର, ଜନ ସହଯୋଗ ଉପରେ ନିର୍ଭରଶୀଳ। ଏ ଥିଲା ତାଙ୍କ ଦର୍ଶନର ମୂଳକଥା। ସାମ୍ୟବାଦୀ ସିଦ୍ଧାନ୍ତ ଉପରେ ଜୟପ୍ରକାଶଙ୍କର ଅଗାଧ ବିଶ୍ୱାସ। ସେ ସୋସାଲିଷ୍ଟ ପାର୍ଟିର ସର୍ବମାନ୍ୟ ନେତା। ୧୯୫୨ ମସିହାରେ ଆସିଲା ତାଙ୍କର ଭାବାନ୍ତର। ନିଜ ଆତ୍ମଶୁଦ୍ଧି ଲୋଡ଼ା, ଏକଥାଟି ଅନୁଭବ କଲେ, ଅନଶନ ରଖିଲେ ୨୧ ଦିନ। ଏହାପରେ ମାର୍କ୍ସବାଦ, ସମାଜବାଦର ରାଜନୈତିକ ସିଦ୍ଧାନ୍ତ - ଏ ଦୁଇଟି ପରିତ୍ୟାଗ କଲେ। ରାଜନୀତିରୁ ସନ୍ନ୍ୟାସ ନେଲେ। ୧୯୬୭ ମସିହା, ସେପ୍ଟେମ୍ବର ୨୭। ରାମମନୋହର ଲୋହିଆ ପାଟନା ଗଲେ। ଜୟପ୍ରକାଶଙ୍କୁ ସାକ୍ଷାତ କରି ସକ୍ରିୟ ରାଜନୀତିକୁ ଓହ୍ଲାଇବାକୁ ଅନୁରୋଧ ରଖିଲେ। ମାତ୍ର ଜୟପ୍ରକାଶ ଆଉ ପଛକୁ ଫେରି ଚାହିଁଲେନି, ଶେଷ ଯାଏ ଜନତାର ଉନ୍ନତି କଳ୍ପେ ଆପଣାକୁ ସମର୍ପି ଦେଲେ।

ଜୟପ୍ରକାଶ ଜଣେ ଆଦର୍ଶ ବ୍ୟକ୍ତି। କଳଙ୍କ ବିହୀନ ତାଙ୍କର ବ୍ୟକ୍ତିତ୍ୱ। ୧୯୬୭ ମସିହା, ବିହାରରେ ଉତ୍କଟ ମରୁଡ଼ି। ଜନତାଙ୍କ ନାହିଁ ନଥିବା ଦୁର୍ଦ୍ଦିନ। ଜୟପ୍ରକାଶ ଗଠନ କଲେ ବିହାର ରିଲିଫ କମିଟି। ବାହାର ଦେଶରୁ ବହୁ ସାହାଯ୍ୟ ମିଳିଲା। ଜନତା ଉପକୃତ ହେଲେ। ୧୯୬୦ ମସିହା। ଚମ୍ବଲର ଦୁର୍ଦ୍ଦାନ୍ତ ଦସ୍ୟୁ, ସେମାନଙ୍କ ମଧ୍ୟରୁ କେତେଜଣ ବିନୋବାଙ୍କ ନିକଟରେ ଆତ୍ମସମର୍ପଣ କଲେ। ସୁଖରେ ରହିଲେ। ଅନୁରୂପ ଭାବେ ମାଧୋ ସିଂହ, ମୋହର ସିଂଙ୍କ ସହ ଆଉ କେତେଜଣ ଦସ୍ୟୁ, ଜୟପ୍ରକାଶଙ୍କ ନିକଟରେ ଆତ୍ମସମର୍ପଣ କଲେ, ଏ ଘଟଣା ଜୟପ୍ରକାଶଙ୍କ ଚରିତ୍ରର ମହନୀୟତା ପ୍ରତିପାଦନ କରେ।

ଜୟପ୍ରକାଶ ଜଣେ ମହାନ ବ୍ୟକ୍ତିତ୍ୱ। ମାନବ ସେବା ହିଁ ମାଧବ ସେବା - ଏ ଥିଲା ତାଙ୍କର ଆଦର୍ଶ। ଦଳିତ, ନିଷ୍ପେଷିତଙ୍କ ମୁହଁରେ ହସଟିକେ ଦେଖିବାର ସ୍ୱପ୍ନ ଦେଖିଲେ, ଏଥିରେ ଅନେକାଂଶରେ ସେ ସଫଳ ହେଲେ। ଭାରତ ମାତାର ସେ ଅନ୍ୟତମ ସୁଯୋଗ୍ୟ ସନ୍ତାନ। ଜୀବନବ୍ୟାପୀ ଜନସେବା ପାଇଁ ଫିଲିପାଇନ୍‌ସରୁ ତାଙ୍କୁ ମିଳିଲା 'ରମନ ମାଗାସେସ' ସମ୍ମାନ (୧୯୬୫)। ସେ ମଧ୍ୟ ରାଷ୍ଟ୍ରଭୂଷଣ ସମ୍ମାନରେ ବିଭୂଷିତ। ଏ ପରିପ୍ରେକ୍ଷୀରେ ଭାରତମାତା ତା' ସୁଯୋଗ୍ୟ ସନ୍ତାନକୁ ଚିହ୍ନିଲା ବହୁ ବିଳମ୍ବରେ। ଜୟପ୍ରକାଶଙ୍କୁ ମରଣୋତ୍ତର ଭାରତର ଶ୍ରେଷ୍ଠ ବେସାମରିକ ପୁରସ୍କାର 'ଭାରତ ରତ୍ନ' ପ୍ରଦାନ କରାଗଲା (୧୯୯୯)। ଜଣେ ପବିତ୍ର ମୁକ୍ତିସଂଗ୍ରାମୀ, ନିଦରବମାନଙ୍କ ପାଇଁ ଲଢୁଥିବା ଦରଦୀ ମଣିଷ, ସମ୍ପୂର୍ଣ୍ଣ ବିପ୍ଳବର ପ୍ରବକ୍ତା ଭାବେ ତାଙ୍କୁ ଏଇ ପୁରସ୍କାର ଦିଆଗଲା। ସେତେବେଳେ ସେ ଇହଧାମରେ ନଥିଲେ। ଭାରତ ମାତା ଗଳାରେ ଆଉ ଏକ ରତ୍ନ ଜାଜ୍ୱଲ୍ୟମାନ ହେଲା। ୧୯୭୯ ମସିହା ଅକ୍ଟୋବର ଆଠ ତାରିଖ, ୭୭ ବର୍ଷ ବୟସରେ ଲୋକନାୟକଙ୍କର ହେଲା ମହାପ୍ରୟାଣ। ରାଜନୀତି ଆକାଶରୁ ଅସ୍ତମିତ ହେଲା ଆଉ ଏକ ଉଜ୍ଜ୍ୱଳ ନକ୍ଷତ୍ର। ବିପ୍ଳବୀ ସିନା ଚାଲିଯାଏ, ବିପ୍ଳବ ମରେନି କି ସରେନି। ନାହାନ୍ତି ଜୟପ୍ରକାଶ, ହେଲେ ତାଙ୍କର କୀର୍ତ୍ତି, ଆଦର୍ଶ କାଳ କୋଳରେ ଚିର ଉଦ୍‌ଭାସିତ। ତାଙ୍କ ପରଲୋକରେ ଜାତିସଂଘର ସାଧାରଣ ଆସେମ୍ବ୍ଲିରେ ସର୍ବସମ୍ମତ ପ୍ରସ୍ତାବଟେ ଗୃହୀତ ହେଲା - "ସ୍ୱାଧୀନତା ଓ ମାନବିକ ଅଧିକାରର ଜଣେ ମହାନ ପ୍ରବକ୍ତା ହେଉଛନ୍ତି ଲୋକନାୟକ ଜୟପ୍ରକାଶ ନାରାୟଣ।" ଏଥିରୁ ବେଶ୍ ବାରି ହୋଇପଡ଼େ ଚୌଦିଗ ପ୍ରସାରୀ ତାଙ୍କ ବ୍ୟକ୍ତିତ୍ୱର ଅମଳିନ କାହାଣୀ। ଏକ ସମୃଦ୍ଧ, ବିକାଶଶୀଳ, ସମ୍ଭାବନାମୟ, ଆତ୍ମନିଭରଶୀଳ ଭାରତବର୍ଷ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୮ ମାର୍ଚ୍ଚ ୨୦୨୪ ସୋମବାର

କୋଇଲା ଖଣି ଯୋଗୁଁ ଭୂତଳ ଜଳସ୍ତର ହ୍ରାସ

ବ୍ରଜରାଜନଗର ପୌରାଞ୍ଚଳରେ ପାନୀୟ ଜଳ ସମସ୍ୟା

ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ

ବ୍ରଜରାଜନଗର ପୌର ପରିଷଦର ୱାର୍ଡ୍ ନମ୍ବର ୧୩ ଏବଂ ୧୪ ସାନଯୋବ ଓ ମଧୁବନାନଗର ବାସୀଙ୍କ ବୃନ୍ଦାଏ ଜଳ ପାଇଁ ଆଜିବି ହଣ୍ଡା ହାଣ୍ଡି ଧରି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି । ୱାର୍ଡ ନମ୍ବର ୧୩ ଏବଂ ୧୪ ସାନଯୋବ ଓ ମଧୁବନାନଗରରୁ ଲାଗିରହିଥିବା ଭୂତଳ ଓ ଖୋଲା ମୁଁହ କୋଇଲା ଖଣି ଯୋଗୁଁ ଜଳସ୍ତର ହ୍ରାସ ପାଇଛି । ପିଏଚଡି ବିଭାଗ ପକ୍ଷରୁ ଜଳ ଯୋଗାଣଥିଲେ ମଧ୍ୟ ନଥିଲା ସହିତ ସମାନ । କାରଣ ପିଏଚଡି ବିଭାଗର ଦୁଇ ଗାଁରେ ପାଇପ୍ ସଂଯୋଗ ଥିଲେ ମଧ୍ୟ ଠିକ୍ ସମୟରେ ତାର ମରାମତି ନହେବାରୁ ପାଇପ୍‌ରୁ ପାଣି ଲିକେଜ୍ ହୋଇ ପାଣିର ଗତି ଧିମେଇ ଯାଇଛି । ଯାହାଫଳରେ ଦୁଇ ୱାର୍ଡ ବାସି ପାଣି ପାଇଁ ମୁଖ୍ୟ ରାସ୍ତା ଉପରେ ପଡ଼ିଥିବା ପାଇପ୍‌ରୁ ଲିକେଜ୍ ହେଉଥିବା ସ୍ଥାନରେ ଅଣ୍ଟାଏ ଅଣ୍ଟାଏ ଗାତ ଖୋଲି ସେଇ ପାଇପ୍‌ରୁ ଗିନା ଓ ତାଟିଆ ସାହାଯ୍ୟରେ ଜଳ ସଂଗ୍ରହ କରିଥାନ୍ତି । ପିଏଚଡି ବିଭାଗରୁ ଲାଗିଥିବା ମଟର ଉନ୍ନତମାନର ମଟର ଠିକ୍ ସମୟରେ ପାଇପ୍ ମରାମତି ହେଲେ ପାଣିର ଗତି ବଢ଼ିଲେ କିଛି ସମସ୍ୟା ଦୂର ହେବ ବୋଲି ୱାର୍ଡବାସୀ ନିଜ ମତ ଦେଇଛନ୍ତି । ସେହିପରି ପୌରପରିଷଦ ପକ୍ଷରୁ ସାନଯୋବରେ ଅନେକ ଗୁଡ଼ିଏ ନଳକୂପ ଥିବା ବେଳେ ସାନାଯୋବ ହନୁମାନ ମନ୍ଦିରର ପ୍ରାଙ୍ଗଣରେ ଥିବା ନଳକୂପ ଅନ୍ୟତମ, କାରଣ ଏହି ନଳକୂପରେ ସାନଯୋବର ଅଧାରୁ ଅଧିକ ଲୋକ ଏହି ନଳକୂପ ଉପରେ ନିର୍ଭର କରି ଆସୁଛନ୍ତି । ଗତ ୭ ଦିନ ହେବ ଏହି ନଳକୂପର ମଟର ଅଚଳ ହୋଇ ୭ ଦିନ ଧରି ପଡ଼ାବାସି ହନ୍ତସନ୍ତ ହେଉଛନ୍ତି । ଏହାର ସମସ୍ୟାର ସମାଧାନ ପାଇଁ ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ନଗରପାଳ ଯାଜ୍ଞସେନୀ ଓରାମ, ଉପ ନଗରପାଳ କୃଷ୍ଣଗୋପାଲ ଶିତାନି, ଜେଇ ଝରଣା ଖମାରୀଙ୍କୁ ୱାର୍ଡବାସୀ ବାରମ୍ବାର ଗୁହାରୀ କରିଥିବା ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି । ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଗୁହାରୀ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାହାରି ନିଘା ନାହିଁ । ଯଥାଶିଘ୍ର ଏହାର ସମାଧାନ କରିବା ପାଇଁ ଜନସାଧାରଣରେ ଦାବି ହେଉଛି ।

କେନ୍ଦୁଝର ଜିଲ୍ଲାରେ ହାତୀ-ମଣିଷ ଲଢେଇ:୯୯ ଜଣଙ୍କ ଜୀବନ ଗଲାଣି

କେନ୍ଦୁଝର, ନ୍ୟୁଜ୍

ହାତୀ ମାନଙ୍କର ପ୍ରାକୃତିକ ଆବାସ ସ୍ଥଳୀ ଗୁଡିକର କ୍ଷୟ ଯୋଗୁଁ ହାତୀ ଜନବସତି ମୁହାଁ ହୋଇ ହାତୀ-ମଣିଷ ଲଢେଇ ଭଳି ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି । ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜୈବ ବିବିଧତାରେ ଭରପୁର କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଆଦିବାସୀ ଓ ଗରିବ ଶ୍ରେଣୀର ଲୋକମାନେ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳ ମାନଙ୍କରେ ବସବାସ କରିଥାନ୍ତି, ଏବଂ ହାତୀ ସହରାଭିମୁଖୀ ହେଲେ ପ୍ରଥମେ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ଲୋକମାନେ ହାତୀର ସମ୍ମୁଖୀନ ହୋଇ ପରସ୍ପର ଲଢେଇ କରିଥାନ୍ତି । ବଣ ପାହାଡ଼ ଘେରା କେନ୍ଦୁଝର ଜିଲ୍ଲାରେ ରହିଥିବା ବିସ୍ତିର୍ଣ୍ଣ ଜଙ୍ଗଲ ଓ ବନ୍ୟଜନ୍ତୁ ଗୁଡିକର ସୁରକ୍ଷା ଲାଗି ସରକାରଙ୍କର ଭଲି ଭଲି

ଯୋଜନା ଓ ବନ ବିଭାଗରେ ଯଥେଷ୍ଟ କର୍ମଚାରୀ ରହିଥିଲେ ହେଁ ସେସବୁର ସୁରକ୍ଷା ଦେବାରେ ବନବିଭାଗ ବିଫଳ ହୋଇଛି । ମନୁଷ୍ୟାକୃତ ବିଭିନ୍ନ କାରଣ ଯୋଗୁଁ ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ସାଙ୍ଗକୁ ପଶୁପକ୍ଷୀ ଶିକାର ବନ୍ୟଜନ୍ତୁଙ୍କୁ ସହରାଭିମୁଖୀ କରିଛି, ଯାଫଳରେ ହାତୀ-ମଣିଷ ଲଢେଇ ଲାଗିରହୁଛି । ବିଗତ ୧୦ ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ହାତୀ ଆକ୍ରମଣରେ ୯୯ ଜଣଙ୍କର ଜୀବନ ଯାଇଥିବାବେଳେ ୫୧ଟି ହାତୀଙ୍କର ଜୀବନ ଯାଇଛି । ଚଳିତ ୨୦୨୩-୨୪ ରେ ସର୍ବାଧିକ ୧୬ ଜଣଙ୍କର ହାତୀ ଆକ୍ରମଣରେ ଜୀବନ ଯାଇଥିବାବେଳେ ୨୦୨୨-୨୩ରେ ୧୩ ଜଣଙ୍କର, ୨୦୨୧-୨୨ରେ ବି ୧୩ ଜଣଙ୍କର, ୨୦୨୦-୨୧ରେ ୫ ଜଣଙ୍କର, ୨୦୧୯-୨୦ରେ ୧୧ ଜଣଙ୍କର, ୨୦୧୮-୧୯ରେ ୮ ଜଣଙ୍କର, ୨୦୧୭-୧୮ରେ ବି ୧୮ ଜଣଙ୍କର, ୨୦୧୬ -୧୭ରେ ୮ ଜଣଙ୍କର, ୨୦୧୫-୧୬ରେ ୧୦ ଜଣଙ୍କର ଓ ୨୦୧୪ -୧୫ ମସିହାରେ ୭ ଜଣଙ୍କର ହାତୀ ଆକ୍ରମଣରେ ପ୍ରାଣ ଯାଇଥିବାର ଜଣାପଡିଛି । ଏହି ସମୟ ସୀମା ଅର୍ଥାତ ୨୦୧୪-୧୫ ରୁ ୨୦୨୩-୨୪ ମଧ୍ୟରେ ଯଥାକ୍ରମେ ୫ଟି ହାତୀ, ୬ଟି ହାତୀ, ୦୦,୨, ୩, ୬, ୭, ୭, ୧୧, ୪ଟି ହାତୀଙ୍କର ମୃତ୍ୟୁ ହୋଇଥିବାର ଜଣାପଡିଛି । ସେହିଭଳି ରାଜ୍ୟ ସ୍ତରରେ ମଧ୍ୟ ହାତୀ-ମଣିଷ ଲଢେଇ ସ୍ଥିତି ମଧ୍ୟ ଉଦ୍‌ବେଗଜନକ, ମିଳିଥିବା ସୂଚନା ଅନୁସାରେ ରାଜ୍ୟ ସ୍ତରରେ ଗତ ୨୦୧୪ -୧୫ ମସିହାରେ ହାତୀ ମଣିଷ ଲଢେଇରେ ୬୫ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୫୫ଟି ହାତୀଙ୍କ ଜୀବନ ଯାଇଛି, ୨୦୧୫-୧୬ରେ ୮୯ଜଣ ଲୋକଙ୍କ ମୃତ୍ୟୁ ଓ ୮୬ଟି ହାତୀ, ୨୦୧୬-୧୭ରେ ୬୬ ଲୋକଙ୍କ ମୃତ୍ୟୁ ଓ ୭୫ଟି ହାତୀ ମୃତ୍ୟୁ, ୨୦୧୭-୧୮ରେ ୧୦୫ଜଣ ଲୋକଙ୍କ ମୃତ୍ୟୁ ଓ ୭୮ଟି ହାତୀଙ୍କ ମୃତ୍ୟୁ, ୨୦୧୮-୧୯ରେ ୮୫ ଲୋକଙ୍କ ମୃତ୍ୟୁ ଓ ୯୩ଟି ହାତୀଙ୍କ ମୃତ୍ୟୁ, ୨୦୧୯-୨୦ରେ ୧୧୫ ଜଣ ଲୋକଙ୍କ ମୃତ୍ୟୁ ଓ ୮୨ ହାତୀଙ୍କ ମୃତ୍ୟୁ,୨୦୨୧-୨୨ରେ ୧୨୭ ଲୋକଙ୍କ ମୃତ୍ୟୁ ଓ ୮୬ଟି ହାତୀଙ୍କ ମୃତ୍ୟୁ, ୨୦୨୨-୨୩ରେ ସର୍ବାଧିକ ୧୪୬ ଲୋକଙ୍କ ମୃତ୍ୟୁ ଓ ୯୨ଟି ହାତୀଙ୍କର ଜୀବନ ଯାଇଥିବାର ଜଣାପଡିଛି । ଏଭଳି ପରିସ୍ଥିତିରେ ପ୍ରଥମେ ଜଙ୍ଗଲ ସୁରକ୍ଷା ସହିତ ବନ୍ୟଜନ୍ତୁ ମାନଙ୍କର ସୁରକ୍ଷା ନିତ୍ୟାନ୍ତ ଜରୁରୀ ହୋଇପଡିଛି ।

ଜଗତସିଂହପୁରରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଶିକ୍ଷଣ ଅନୁଷ୍ଠିତ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ସାଧାରଣ ନିର୍ବାଚନ ୨୦୨୪କୁ ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ ଡିଏଲଏମଟି ଓ ଏଏଲଏମଟି ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା କହିଲେ ଯେ, ନିର୍ବାଚନର ପ୍ରକ୍ରିୟାରେ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ରତ୍ୟେକ ଭଲଭାବରେ ନିଜ ନିଜର ଦାୟିତ୍ୱ ବୁଝିବା ଆବଶ୍ୟକ । ପୋଲିଂ ଅଫିସରମାନଙ୍କ ପ୍ରଶିକ୍ଷଣ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ତେଣୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ପରେ ପ୍ରତ୍ୟେକ ଗ୍ରୁପ୍‌ର ସଦସ୍ୟମାନେ ପରସ୍ପରକୁ ଚିହ୍ନିବା ସହ ନିଜ ଭିତରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ ବୋଲି ସେ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ବୁଥ୍‌ର ପ୍ରିଜାଇଡିଂ ଅଫିସର ନିଜ ବୁଥ୍‌ର ପୋଲିଂ ଅଫିସର ତଥା ଅନ୍ୟ ସଦସ୍ୟ ମାନଙ୍କ ସହ ଯୋଗାଯୋଗ କରିବେ । ପୂର୍ବରୁ ବିଏଲଓ ମାନଙ୍କ ଦ୍ୱାରା ପ୍ରତ୍ୟେକ ଘରେ ଭୋଟର ମାର୍ଗଦର୍ଶିକା ବଣ୍ଟନ କରାଯିବ । ଯାହାଫଳରେ ଭୋଟର ମାନେ ଭୋଟ ଦେବା ପାଇଁ ନିଜକୁ ପ୍ରସ୍ତୁତ କରି ଆସିବେ । ଶ୍ରୀ ବେହେରା ପ୍ରିଜାଇଡିଂ ଅଫିସର ମାନଙ୍କ ସମସ୍ତ ଦାୟିତ୍ୱ ଓ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଭାବରେ ବୁଝାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ପାରାଦ୍ୱୀପ) ଲଳିତ ମୋହନ ବେହେରା ଓ ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଆଲୋଚନାରେ ଭାଗ ନେଇ ସମସ୍ତ ଅଧିକାରୀ ମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ । ଡିଏଲଏମଟି ଓ ଏଏଲଏମଟି ମାନଙ୍କୁ ନିଜର ସମସ୍ତ ସନ୍ଦେହ ଦୂରକରି କାର୍ଯ୍ୟକାରିତା ସମ୍ପର୍କରେ ଭଲଭାବରେ ବୁଝିବା ପାଇଁ ଉପ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

କାଗଜ କଲମରେ ଚାଲିଛି ବିଏମ୍‌ସିର ବାହ୍ୟ ମଳମୁକ୍ତ ଘୋଷଣା

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ସହରକୁ ବାହ୍ୟ ମଳମୁକ୍ତ ସହର ଭାବେ ମହାନଗର ନିଗମ ପକ୍ଷରୁ ଘୋଷଣା କରାଯିବା ସହ ଏଥିନେଇ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଏମ୍‌ସି ପକ୍ଷରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ବି କରାଯାଇଛି । ତେବେ ବିଏମ୍‌ସିର ବାହ୍ୟ ମଳମୁକ୍ତ ଘୋଷଣା କେବଳ କାଗଜକଲମ ମଧ୍ୟରେ ସୀମିତ ହୋଇଛି । ସଚେତନତା ଅଭାବରୁ ଆଜି ବି ସହରର ବିଭିନ୍ନ ସ୍ଥାନରେ ଲୋକେ ଖୋଲା ଆକାଶ ତଳେ ମଳତ୍ୟାଗ କରୁଥିବା ଦେଖିବାକୁ ମିଳୁଛି । ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଚଳିତ ବର୍ଷ ବଜେଟ୍‌ରେ ଅଧିକ ଖର୍ଚ୍ଚ ବରାଦ କରାଯାଇଥିବା ବେଳେ ସେଥିରେ ବିଶେଷ ପରିବର୍ତ୍ତନ ଆସିବା ଭଳି ଦେଖାଯାଉନାହିଁ । ବ୍ରହ୍ମପୁର ସହରକୁ ବାହ୍ୟ ମଳମୁକ୍ତ ସହର ଭାବେ ଘୋଷଣା କରାଯିବା ପରେ ମଳାସୁର ନାମକ ଏକ ସଚେତନତା ଅଭିଯାନ ବି ଆରମ୍ଭ କରାଯାଇଥିଲା । ଏଭଳି ସଚେତନତା ଅଭିଯାନ ଫଳରେ ଯଦିଓ ପୂର୍ଣ୍ଣମାତ୍ରାରେ ସଫଳତା ମିଳିନଥିଲା କିନ୍ତୁ ଆଂଶିକ ସଫଳତା ମିଳିଥିଲା । ଏବେ ପୁଣି ପୂର୍ବସ୍ଥିତି ଦେଖିବାକୁ ମିଳୁଛି । ସହରର ବସ୍ତିଅଞ୍ଚଳ ଗୁଡ଼ିକରେ ଶୌଚାଳୟ ନଥିବା ଯୋଗୁଁ ବସ୍ତିବାସିନ୍ଦା ବାଧ୍ୟ ହୋଇ ବାହାରେ ମଳତ୍ୟାଗ କରୁଥିଲେ । ବସ୍ତିବାସିନ୍ଦାଙ୍କ ଏହି ସମସ୍ୟାର ସମାଧାନ ପାଇଁ ୨୦୧୮ ମସିହାରେ ସହରର ଅଧିକାଂଶ ଅଞ୍ଚଳରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଥିଲା । ପ୍ରାରମ୍ଭରେ ବିଏମ୍‌ସି ଏହାକୁ ଗୁରୁତ୍ୱ ଦେଇଥିବା ବେଳେ ପରବର୍ତ୍ତୀ ସମୟରେ କୌଣସି କାରଣବଶତଃ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ବସ୍ତିବାସିନ୍ଦାଙ୍କ ପାଇଁ ରାଜୀବ ଆବାସ ଯୋଜନାରେ ଥଇଥାନ କରାଯିବା ପରେ ବଳକା ବସ୍ତିବାସିନ୍ଦାଙ୍କ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ସେହି ବସ୍ତିବାସିନ୍ଦା ଆଜି ବି ବାହାରେ ମଳତ୍ୟାଳଗ କରିବାକୁ ବାଧ୍ୟ ହେଉଛନ୍ତି । ସେଭଳି ସହର ବାହାରୁ ନିୟମିତ ବ୍ରହ୍ମପୁର ସହରକୁ ଆସୁଥିବା ଲୋକଙ୍କ ପାଇଁ ଶୌଚାଳୟ କିମ୍ବା ପରିସ୍ରାଗାରର ଯଥେଷ୍ଟ ଅଭାବ ରହିଛି । ୨୦୧୮ ମସିହାରେ ଆରମ୍ଭ ହୋଇଥିବା ବାହ୍ୟ ମଳମୁକ୍ତ ସହର ଅଭିଯାନରେ ସଫଳତା ମିଳିବା ପରେ ସ୍ୱଚ୍ଛ ଭାରତ ସର୍ବେକ୍ଷଣରେ ବିଏମ୍‌ସି ୨୦୧୯ରେ ବାହ୍ୟ ମଳମୁକ୍ତ ସହର ଭାବେ ଜାତୀୟସ୍ତରରେ ଶ୍ରେଷ୍ଠ ପୁରସ୍କାର ପାଇଥିଲା । ବିଏମ୍‌ସି ପକ୍ଷରୁ ବାହ୍ୟ ମଳତ୍ୟାଗ ସ୍ଥାନଗୁଡ଼ିକୁ ଚିହ୍ନଟ କରାଯାଇ ସେଠାରେ ବିକାଶମୂଳକ କାର୍ଯ୍ୟକ୍ରମ କରାଯାଇଥିଲା । ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ପାର୍ଶ୍ୱ ଗଳିଟି ବାହ୍ୟ ମଳତ୍ୟାଗ ସ୍ଥାନ ଥିବାରୁ ସେଠାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ୨୦୧୯ରେ ଉକ୍ତ ରାସ୍ତାକୁ ନବୀକରଣ କରାଯିବା ସହ ଭେଣ୍ଡିଂଜୋନ୍ କରାଯାଇଥିଲା । ଉକ୍ତ ଭେଣ୍ଡିଂଜୋନ୍‌ଟି ଆଜି ସୁଦ୍ଧା କାର୍ଯ୍ୟକାରୀ ହେଉନଥିବା ବେଳେ ଉକ୍ତ ସ୍ଥାନଟି ବର୍ତ୍ତମାନ ପୁଣି ବାହ୍ୟ ମଳତ୍ୟାଗର ପ୍ରକୃଷ୍ଟ ସ୍ଥାନ ପାଲଟିଛି । କେବଳ ଏହି ଗୋଟିଏ ସ୍ଥାନ ନୁହଁ ହରିଡ଼ାଖଣ୍ଡି ପୋଖରୀ ଚାରିପଟ, ବିନାୟକ ଆଚାର୍ଯ୍ୟ ଖେଳପଡ଼ିଆ ଏବେ ବାହ୍ୟ ମଳତ୍ୟାଗ ସ୍ଥାନ ପାଲଟିଛି । ବିଏମ୍‌ସି କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ସାଧାରଣରେ ଦାବି ହୋଇଛି ।

ସୁସ୍ଥ ସମାଜ ଗଠନରେ ଆଶା କର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ:ମେୟର

କଟକ, ନ୍ୟୁଜ୍ ବ୍ୟୁରୋ

ସ୍ୱଚ୍ଛତା ଓ ସୁସ୍ଥ କଟକ ଗଠନ ରାଜ୍ୟ ସରକାରଙ୍କ ଲକ୍ଷ୍ୟ । ସହରାଞ୍ଚଳ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ନେଉଛନ୍ତି ଅନେକ ପଦକ୍ଷେପ । ଏଥିପାଇଁ କଟକ ମହାନଗର ନିଗମ ପକ୍ଷରୁ ମହିଳା ଆରୋଗ୍ୟ ସମିତି ମଧ୍ୟ ଗଠନ କରାଯାଇଛି । ଏହାଛଡା ଆଶା କର୍ମୀମାନେ ମଧ୍ୟ ସମାଜରେ ନିଜର ନିଷ୍ଠାପର ମନୋଭାବରେ କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କରୁଛନ୍ତି । ଯାହାପାଇଁ କଟକ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ଦିଗରେ ଆଉ ଏକ ପାଦ ଆଗକୁ ଯାଇଛି । ଆଗକୁ ମହିଳା ଦିବସ ଆସୁଥିବାରୁ ଏହାକୁ ଲକ୍ଷ୍ୟରେ ରଖି କଟକର ୧୦୦ରୁ ଊର୍ଦ୍ଧ୍ୱ ଆରୋଗ୍ୟ ସମିତି କର୍ମୀ ଓ ଆଶା କର୍ମୀଙ୍କୁ ପୁରସ୍କୃତ କରାଯାଇଛି । କଟକ ମହାନଗର ନିଗମରେ ବର୍ତ୍ତମାନ ସମୟରେ ମହିଳା ମୃତ୍ୟୁହାର ହ୍ରାସ କରିବା, ଶିଶୁ ମୃତ୍ୟୁହାର ରୋକିବା, ମହାମରୀ ସମୟରେ ନିଷ୍ଠାପର କର୍ତ୍ତବ୍ୟ, ଜଣ୍ଡିସ୍ ମୁକାବିଲା, ଟୀକା କରଣ କରିବା ଦିଗରେ ଆଶା କର୍ମୀମାନେ ସମାଜ ପାଇଁ ନିଜର କର୍ତ୍ତବ୍ୟ ଓ ନିଷ୍ଠା ସମର୍ପିତ କରିଛନ୍ତି । ଏହା କେବଳ ବର୍ତ୍ତମାନ ପାଇଁ ନୁହେଁ ଯେଉଁ ଦିନଠାରୁ ମହାନଗର ନିଗମ ଗଠନ ହୋଇଛି, ସେବେଠୁ ଏହି କର୍ମୀମାନେ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ତେଣୁ ନିରବଚ୍ଛିନ୍ନ କର୍ତ୍ତବ୍ୟ କରି ସମାଜକୁ ଏକ ସ୍ୱଚ୍ଛ ଓ ପରିମଳ ରଖିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି ଏହି କର୍ମୀ । ତେଣୁ ଆଗମୀ ଦିନରେ ଏହି କର୍ମୀମାନଙ୍କର ଆବଶ୍ୟକତା ଓ କର୍ମ ଉଦ୍ଦିଷ୍ଟ ସାମଗ୍ରୀକୁ ଯଥାସମ୍ଭବ ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି କଟକ ମେୟର ସୁବାସ ସିଂ । ତେବେ ଏହି କାର୍ଯ୍ୟକ୍ରମରେ ସିଏମସି ମେୟର କମିଶନର ସମେତ, ସ୍ୱାସ୍ଥ୍ୟ ବିଭାଗ ଓ କମିଟି ମୁଖ୍ୟ ପ୍ରମୁଖ ଉପସ୍ଥିତ ରହି ସମସ୍ତ କୃତି ଆଶା କର୍ମୀମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ । ସୂଚନାଯୋଗ୍ୟ ପୂର୍ବରୁ କଟକରେ ହଇଜା, ମ୍ୟାଲେରିଆ ଏବଂ ଯକ୍ଷ୍ମା ଭଳି ମାରାତ୍ମକ ରୋଗ ସବୁ ଲୋକଙ୍କୁ ଗ୍ରାସ କରୁଥିଲା । କିନ୍ତୁ ଏହାର ମାତ୍ରା ବର୍ତ୍ତମାନ କମିଥିବା ଜଣାପଡ଼ିଛି ।

ଜିଲ୍ଲା ଦିବ୍ୟାଙ୍ଗ ପୁନର୍ବାସ କେନ୍ଦ୍ର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାରେ ଭିନ୍ନକ୍ଷମଙ୍କ ପାଇଁ ଜିଲ୍ଲା ଦିବ୍ୟାଙ୍ଗ ପୁନର୍ବାସ କେନ୍ଦ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ପୁରୁଣା) ପରିସରରେ ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ଆର୍ଥିକ ଅନୁଦାନରେ ନିର୍ମିତ ଏହି କେନ୍ଦ୍ରକୁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗୀୟ ମନ୍ତ୍ରୀ ବିରେନ୍ଦ୍ର କୁମାରଙ୍କ କରକମଳରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ଶଶିଭୂଷଣ ବେହେରା, ଜିଲ୍ଲାପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପଳ ସାଧାରଣ ପିତାମ୍ବର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡାକ୍ତର ନୃପେନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ୨ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ଯାନ ପ୍ରଦାନ କରାଯାଇଥିଲା । ଏଥିରେ ନିଯୁକ୍ତି ପାଇଥିବା ବୈଷୟିକ ଅଧିକାରୀମାନେ କିଭଳି ଜିଲ୍ଲାରେ ଭିନ୍ନକ୍ଷମମାନେ ଏଠାରେ ସେମାନଙ୍କର ସହାୟକ ଉପକରଣ, କୃତିମ ଅଙ୍ଗ ପ୍ରତ୍ୟଙ୍ଗ, ଭୌତିକ ଓ ଶାରୀରିକ ଚିକିତ୍ସା ସହଜରେ ଓ ମାଗଣାରେ ପାଇପାରିବେ ସେ ସମ୍ପର୍କରେ ଉପସ୍ଥିତ ଥିବା ସମସ୍ତ ଭିନ୍ନକ୍ଷମ ମାନଙ୍କୁ ବୁଝାଇଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୀତା ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ଅନୁଷ୍ଠାନରେ କର୍ମକର୍ତ୍ତା, କର୍ମଚାରୀମାନେ ସର୍ବପରି ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଜିଲ୍ଲାର ଭିନ୍ନକ୍ଷମମାନେ ସହାୟତା ପାଇଁ ଆଉ ବାହାରକୁ ଯିବାକୁ ପଡିବନାହିଁ ବୋଲି ମତବ୍ୟକ୍ତ କରିଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶନୀ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୀତାର ମୁଖ୍ୟ ପ୍ରଶାନ୍ତ କୁମାର ମିଶ୍ର ସହଯୋଗ କରିଥିଲେ ।

ନବରଙ୍ଗପୁରରେ ୯୩ ଜଣଙ୍କୁ ବିଏସ

30 YEARS
ସମୟ କଣିକା
ଭୁବନେଶ୍ୱର, ୧୮ ମାର୍ଚ୍ଚ, ସୋମବାର, ୨୦୨୪

ଅଲିମ୍ପିକ୍ସ ଯୋଗ୍ୟତା ହାସଲ କଲେ ରାମ ବାବୁ

ନୂଆଦିଲ୍ଲୀ

ଭାରତର ରାମ ବାବୁ ପୁରୁଷ ୨୦ କିଲୋମିଟର ଚାଲିବାରେ ପ୍ୟାରିସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି । ସ୍ଲୋଭାକିଆର ଦୁଦିନସ୍କା ଦୌଡ଼କୁଦ ପ୍ରତିଯୋଗିତାରେ ବ୍ୟକ୍ତିଗତ ଶ୍ରେଷ୍ଠ ସମୟ (୧ ଘଣ୍ଟା ୨୦ ମିନିଟ୍) ସହ ସେ ଏହି ସଫଳତା ପାଇଛନ୍ତି । ହାଙ୍ଗଝୁ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଥିବା ରାମ ବାବୁ ମଧ୍ୟ ଏହି ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିବାରେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି । ପେରୁର ସେଜାର ରଡ୍ରିଗ୍ୱେଜ (୧ଘଣ୍ଟା ୧୯ ମିନିଟ ୪୧ ସେକେଣ୍ଡ) ଓ ଇକ୍ୱେଡରର ବ୍ରାଏନ ପିଣ୍ଟାଡୋ (୧ ଘଣ୍ଟା ୧୯ ମିନିଟ ୪୪ ସେକେଣ୍ଡ) ଦ୍ୱିତୀୟ ସ୍ଥାନରେ ରହିଥିଲେ । ପ୍ୟାରିସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିବାରେ ସେ ଅଷ୍ଟମ ଭାରତୀୟ ହୋଇଛନ୍ତି । ସେ ତାଙ୍କ ପୂର୍ବରୁ ଆକାଶଦୀପ ସିଂହ, ସୂରଜ ପନର, ସର୍ଭିନ ସେବାସ୍ତିଆନ, ଅର୍ଶପ୍ରୀତ ସିଂହ, ପରମଜିତ ବିଷ୍ଟ, ବିକାଶ ସିଂହ ଓ ପ୍ରିୟଙ୍କା ଗୋସ୍ୱାମୀ ପ୍ରମୁଖ ଯୋଗ୍ୟତା ହାସଲ କରିସାରିଛନ୍ତି ।

୫୦୦ ସ୍ୱର୍ଣ୍ଣ ମୁଦ୍ରା ସହ ଏକ କୋଟି ଟଙ୍କା ପୁରସ୍କାର ପାଇଲେ ଅଶ୍ୱିନ

ନୂଆଦିଲ୍ଲୀ

ଭାରତୀୟ ଷ୍ଟାର ବୋଲର୍ ରବିଚନ୍ଦ୍ରନ୍ ଅଶ୍ୱିନଙ୍କୁ ମିଳିଛି ୫୦୦ ଗୋଲ୍ଡ କଏନ୍ ସାଙ୍ଗକୁ ଏକ କୋଟି ଟଙ୍କାର ପୁରସ୍କାର ରାଶି । ଏକ କାର୍ଯ୍ୟକ୍ରମରେ ତାମିଲନାଡୁ କ୍ରିକେଟ୍ ଆସୋସିଏସନ୍ (ଟିଏନସିଏ) କ୍ରିକେଟର ଅଶ୍ୱିନଙ୍କୁ ୫୦୦ଟି ସ୍ୱର୍ଣ୍ଣ ମୁଦ୍ରା ସାଙ୍ଗକୁ ଏକ କୋଟି ଟଙ୍କା, ଏକ ସେଙ୍ଗୋଲ୍ ଏବଂ ଏକ ସ୍ୱତନ୍ତ୍ର ବ୍ଲେଜର ପ୍ରଦାନ କରିଛି ।

ପୁରସ୍କାର ଗ୍ରହଣ କରିବା ସମୟରେ ଅଶ୍ୱିନଙ୍କ ସହ ତାଙ୍କ ପରିବାର ମଧ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ କ୍ରିକେଟର ଅନୀଲ କୁମ୍ଲେ ମଧ୍ୟ ଯୋଗ ଦେଇଥିଲେ । ସେ ମଞ୍ଚରେ ରହି ଅଶ୍ୱିନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି ।

ଧର୍ମଶାଳାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ଅଶ୍ୱିନ ନିଜର ୧୦୦ତମ ଟେଷ୍ଟ ମ୍ୟାଚ୍ ପୂରଣ କରିଥିଲେ । ୫୦୦ ୱିକେଟ ନେବାରେ ଅଶ୍ୱିନ ଦ୍ୱିତୀୟ ଭାରତୀୟ ବୋଲର୍ ଭାବେ କୃତିତ୍ୱ ହାସଲ କରିଛନ୍ତି । ତାଙ୍କ ପୂର୍ବରୁ ଅନୀଲ କୁମ୍ଲେ ଏହି ରେକର୍ଡର ଭାଗିଦାରୀ ହୋଇଥିଲେ ।

ସବୁଠୁ ବଡ଼ କଥା ହେଉଛି କି, କୁମ୍ଲେ ୧୦୫ ମ୍ୟାଚ୍‌ରେ ୫୦୦ ୱିକେଟ ନେଇଥିଲେ । କିନ୍ତୁ ଅଶ୍ୱିନ ୯୭ଟି ମ୍ୟାଚ୍‌ରେ ଏହି ସଫଳତା ହାସଲ କରିବାରେ ସକ୍ଷମ ହୋଇ ପାରିଛନ୍ତି । ତାଙ୍କର ଏହି ଅବଦାନ ପାଇଁ ନିଜ ରାଜ୍ୟ କ୍ରିକେଟ ଆସୋସିଏସନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି ।

ହାର୍ଦ୍ଦିକଙ୍କ ପାଇଁ ବିସିସିଆଇର ନିୟମ କୋହଳ ହେବା ଅନୁଚିତ୍ : ପ୍ରବୀଣ

ନୂଆଦିଲ୍ଲୀ

ଜାତୀୟ ଦଳରେ ସାମିଲ ନ ଥିବା ବେଳେ ଭାରତୀୟ କ୍ରିକେଟର ନିଜ ରାଜ୍ୟ ପାଇଁ ଘରୋଇ କ୍ରିକେଟ ଖେଳିବାକୁ ବିସିସିଆଇ ତରଫରୁ ନିର୍ଦ୍ଦେଶନାମା ଜାରି କରାଯିବା ସତ୍ତ୍ୱେ ଏହାକୁ ନ ମାନିବାରୁ କେନ୍ଦ୍ରୀୟ ଚୁକ୍ତିରୁ ଶ୍ରେୟସ ଆୟର ଓ ଇଶାନ କିଷନଙ୍କୁ ବାଦ୍ ଦିଆଯାଇଛି । ତେବେ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଘରୋଇ କ୍ରିକେଟ ଖେଳିନଥିଲେ ସୁଦ୍ଧା ତାଙ୍କୁ ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରେ ସାମିଲ କରାଯାଇଥିବାରୁ ପୂର୍ବତନ କ୍ରିକେଟର ପ୍ରବୀଣ କୁମାର ଏହାକୁ ନାପସନ୍ଦ କରିଛନ୍ତି ।

ୟୁଟ୍ୟୁବର ଏକ ଭିଡିଓରେ ପ୍ରବୀଣ ଦର୍ଶାଇଥିଲେ ଯେ ବିସିସିଆଇ ଯେଉଁ ନିଷ୍ପତ୍ତି ନେଇଛି ତାହା ଯୁକ୍ତିଯୁକ୍ତ । ତେବେ ଏହାକୁ ସବୁ କ୍ରିକେଟରଙ୍କ କ୍ଷେତ୍ରରେ ସମାନ ଭାବେ ଲାଗୁ କରାଯିବା ଉଚିତ୍ । ଶ୍ରେୟସ ଓ କିଷନଙ୍କୁ ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରେ ବାଦ୍ ଦିଆଯାଇଥିବା ବେଳେ ଘରୋଇ କ୍ରିକେଟ ନ ଖେଳିବା ସତ୍ତ୍ୱେ ହାର୍ଦ୍ଦିକଙ୍କୁ ଚୁକ୍ତିରେ ସ୍ଥାନ ଦେବା ଯୁକ୍ତିଯୁକ୍ତ ନୁହେଁ । ଜଣେ ଖେଳାଳିଙ୍କ ନିମନ୍ତେ ନିୟମ କୋହଳ କରାଯିବା ଅନୁଚିତ୍ । ହାର୍ଦ୍ଦିକ ଚନ୍ଦ୍ରରୁ ଆସି ନାହାନ୍ତି । ସେ ମଧ୍ୟ ଘରୋଇ କ୍ରିକେଟ ଖେଳିବାକୁ ବାଧ୍ୟ । ସେ ଘରୋଇ କ୍ରିକେଟ ଖେଳିନଥିବାରୁ ତାଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦେବା ଉଚିତ୍ ଥିଲା । ସୂଚନାଥାଉକି ଆଇପିଏଲ୍‌ର ଚଳିତ ସଂସ୍କରଣରେ ହାର୍ଦ୍ଦିକ ମୁମ୍ବଇ ଇଣ୍ଡିଆନ୍‌ସ ଦଳର ନେତୃତ୍ୱ ନେବେ । ରୋହିତ ଶର୍ମାଙ୍କ ସ୍ଥାନରେ ହାର୍ଦ୍ଦିକଙ୍କୁ ମୁମ୍ବଇ ଇଣ୍ଡିଆନ୍‌ସ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି ।

ଡବ୍ଲୁପିଏଲ ଚମ୍ପିଅନ ହେଲା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

ନୂଆଦିଲ୍ଲୀ

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳ ଡବ୍ଲୁପିଏଲ (ମହିଳା ପ୍ରିମିୟର ଲିଗ) ଜିତିବାରେ ସଫଳ ହୋଇଛି । ରବିବାର ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦିଲ୍ଲୀ କ୍ୟାପିଟାଲ୍ସକୁ ୮ ୱିକେଟରେ ପରାସ୍ତ କରିଛି ।

ଏହି ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବୋଲରମାନେ ଚମତ୍କାର ପ୍ରଦର୍ଶନ କରିବା ପରେ ବ୍ୟାଟ୍‌ସମ୍ୟାନମାନେ ଲଢୁଆ ବ୍ୟାଟିଂ କରି ଟ୍ରଫି ହାତେଇଥିଲେ ।

ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ମେଗ ଲାନିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ମେଗ ଲାନିଂ ଓ ଶେଫାଲି ବର୍ମା ମଧ୍ୟ ଦଳକୁ ଭଲ ଆରମ୍ଭ ଦେବାରେ ସଫଳ ହୋଇଥିଲେ । କିନ୍ତୁ ଏହା ପରେ କୌଣସି ବ୍ୟାଟ୍‌ସମ୍ୟାନ କ୍ରିଜ୍‌ରେ ରହିପାରିନଥିଲେ । ଭଲ ଆରମ୍ଭ ପରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ସ୍ପିନରଙ୍କ ଆଗରେ ବ୍ୟାଟ୍‌ସମ୍ୟାନଙ୍କ ଖରାପ ପ୍ରଦର୍ଶନ ଯୋଗୁଁ ଦିଲ୍ଲୀ କ୍ୟାପିଟାଲ୍ସ ୧୮.୩ ଓଭରରେ ୧୧୩ ରନ କରି ଅଲଆଉଟ ହୋଇଯାଇଥିଲା । ଏହାପରେ ଆରସିବି ୧୯.୩ ଓଭରରେ ଏହି ଟାର୍ଗେଟକୁ ପିଛା କରି ଟାଇଟଲ ହାସଲ କରିଥିଲା ।

ମାଳି ଜଗନ୍ନାଥପୁର ହଙ୍ଗାମା କ୍ରିକେଟ ଟୁର୍ଣ୍ଣାମେଣ୍ଟ : ହୁମ୍ମା କ୍ରିକେଟ ଦଳ ଚାମ୍ପିଅନ

ରମ୍ଭା, ନ୍ୟୁଜ୍‌ବ୍ୟୁରୋ

ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତ ବାଲିଲୋକନାଥ ମନ୍ଦିର ଖେଳ ପଡ଼ିଆରେ ହଙ୍ଗାମା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ବିଜେଡି ଉପସଭାପତି ଲିଙ୍ଗରାଜ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଶୁଭ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ପ୍ରେସ୍ କ୍ଲବ୍ ସଭାପତି ଶବର କୁମାର ତରାଇ, ସମିତିସଭ୍ୟ ଏନ. ଜୟକୃଷ୍ଣ ରେଡି, ପାଣି ପଞ୍ଚାୟତ ସଭାପତି ସଭାପତି ଭୋବନି ରେଡି, ବାଲିଲୋକାନାଥ ମନ୍ଦିର ପରିଚାଳନା କମିଟି ସଭାପତି ବି. ବନମାଳି, ସାମାଜିକ କର୍ମୀ ଶୁରେଶ ମହାପାତ୍ର, ପ୍ରଦୀପ ବେହେରା, ଗ୍ରାମ୍ୟ ଭଦ୍ରବ୍ୟକ୍ତି କେ. ମୁକୁନ୍ଦ ରେଡି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରିକେଟ ଖେଳାଳିମାନଙ୍କୁ ଉତ୍ତମ କ୍ରୀଡ଼ା ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଆଠଟି ଦଳ ଅଂଶ ଗ୍ରହଣ କରିଥିଲେ । ଚାରୋଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଲିଗ୍ ମ୍ୟାଚ୍ ଜିତି ହୁମ୍ମା କ୍ରିକେଟ ଟିମ୍ ଏବଂ ମାଳୀ ଜଗନ୍ନାଥପୁର ରେଡ୍ଡୀ ଇଲେଭେନ ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ଚାରି ଓଭର ବିଶିଷ୍ଟ ଏହି ଫାଇନାଲ ମ୍ୟାଚରେ ହୁମ୍ମା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଚାରି ଓଭରରେ ୩୯ ରନ କରିଥିଲା । ଜବାବରେ ରେଡ୍ଡୀ ଇଲେଭେନ ନିର୍ଦ୍ଧାରିତ ଓଭରରେ ମାତ୍ର ୨୦ ରନ କରିବାକୁ ସକ୍ଷମ ହୋଇଥିଲା । ଫଳରେ ହୁମ୍ମା ଦଳକୁ ଚାମ୍ପିଅନ ହୋଇ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ । ଜୟ ନାରାୟଣ ମେନ ଅଫ ଦି ମ୍ୟାଚ୍ ଏବଂ ରାଜୁ ବେଷ୍ଟ ବୋଲର ବିବେଚିତ ହୋଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟକୁ କେ. ଏଲେୟା, କେ. ସୁକାନ୍ତ ରେଡ଼ି, ଏସ୍ ନୀଳକଣ୍ଠ, ଏସ୍ ରାଜୁ, ଏ. ମୁରଲୀ, ଏ. ଗୋପବନ୍ଧୁ, ମିଥୁନ ପ୍ରମୁଖ ପରିଚାଳନା କରିଥିଲେ । କେ. ସୁକାନ୍ତ ଭାଷ୍ୟକାର ଦାୟିତ୍ୱ ତୁଲାଇ ଥିଲେ ।

ହାର୍ଦ୍ଦିକ ପାଣ୍ଡ୍ୟା ଗୁଜରାଟ ଛାଡ଼ିବା ପରେ ପ୍ରଥମଥର ମୁହଁ ଖୋଲିଲେ ଆଶିଷ ନେହେରା

ମୁମ୍ବାଇ

ଗୁଜରାଟ ଟାଇଟାନ୍ସ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ଆଇପିଏଲ ୨୦୨୨ସିଜନରେ ଜିତିଥିଲେ । ଏହା ପରେ ଆଇପିଏଲ ୨୦୨୩ ସିଜନର ଫାଇନାଲରେ ପହଞ୍ଚିଥିଲା, କିନ୍ତୁ ବର୍ତ୍ତମାନ ହାର୍ଦ୍ଦିକ ପାଣ୍ଡ୍ୟା ଗୁଜରାଟ ଟାଇଟାନ୍ସର ଅଂଶ ନୁହଁନ୍ତି । ନିକଟରେ ଆଇପିଏଲ ନିଲାମ ପରେ ମୁମ୍ବାଇ ଇଣ୍ଡିଆନ୍ସ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟ୍ରେଡ୍ କରିଥିଲା । ଏହି ସିଜିନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ରୋହିତ ଶର୍ମାଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ ଭାବେ ନିଯୁକ୍ତ କରିଛନ୍ତି । କିନ୍ତୁ ଗୁଜରାଟ ଟାଇଟାନ୍ସରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିଦାୟ କେତେ ପ୍ରଭାବ ପକାଇବ ଗୁଜରାଟ ଟାଇଟାନ୍ସର ମୁଖ୍ୟ କୋଚ୍ ଆଶିଷ ନେହେରା ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି ।

ଆଶିଷ ନେହେରା କହିଛନ୍ତି, ଯେତେବେଳେ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ, ମୁଁ ତାଙ୍କୁ ଅଟକାଇବାକୁ ଚେଷ୍ଟା କରି ନଥିଲି । ଖେଳର ପରିବର୍ତ୍ତନ ହେଉଛି, ଆଗାମୀ ଦିନରେ ଆମେ ଏହିପରି ଅନେକ ସ୍ଥାନାନ୍ତର ଦେଖିବା, ଏହା ଅନ୍ତର୍ଜାତୀୟ ଫୁଟ୍‌ବଲ କ୍ଲବ ବଜାର ପରି । କିନ୍ତୁ ଗୁଜରାଟ ଟାଇଟାନ୍ସରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଚାଲିଯିବା କିଛି ପ୍ରଭାବ ପଡ଼ିବ କି ? ଏହି ପ୍ରଶ୍ନର ଉତ୍ତରରେ ଆଶିଷ ନେହେରା କହିଛନ୍ତି, ଗୁଜରାଟ ଟାଇଟାନ୍ସ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମିସ୍ କରିବ ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଏହା ଆମ ପାଇଁ ଏକ ନୂଆ ସୁଯୋଗ ଭଳି । ଆଇପିଏଲ ଆପଣଙ୍କୁ ପ୍ରତିବର୍ଷ କିଛି ନୂଆ ଶିକ୍ଷା ଦିଏ, ଏହି ବର୍ଷ ମଧ୍ୟ ଆମେ କିଛି ନୂଆ ଶିଖିବାକୁ ପ୍ରସ୍ତୁତ । ଆମ ତରଫରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଶୁଭେଚ୍ଛା ।

ଟ୍ରୋଲର୍ସଙ୍କୁ ଜବାବ ଦେଲେ ଚହଲଙ୍କ ପତ୍ନୀ ଧନଶ୍ରୀ

ନୂଆଦିଲ୍ଲୀ

ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ଏବଂ ତାଙ୍କ ପତ୍ନୀ ଧନଶ୍ରୀ ବର୍ମା ସୋସିଆଲ ମିଡିଆରେ ପ୍ରାୟଃ ଏକାଠି ନଜର ଆସିଥାନ୍ତି । ଧନଶ୍ରୀ ତାଙ୍କ ଡ୍ୟାନ୍ସ ପାଇଁ ବହୁତ ଲୋକପ୍ରିୟ ଏବଂ ଜଣେ ପ୍ରସିଦ୍ଧ କୋରିଓଗ୍ରାଫର ଭାବରେ ମଧ୍ୟ ମାନ୍ୟତା ପାଇଛନ୍ତି । ଚହଲ ଖୁବ୍ ଶୀଘ୍ର ଆଇପିଏଲ ୨୦୨୪ରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳୁଥିବା ଦେଖିବାକୁ ମିଳିବ ଏବଂ ଧନଶ୍ରୀ ମଧ୍ୟ ପଡ଼ିଆରେ ସେମାନଙ୍କର କିଛି ମ୍ୟାଚ୍ ଦେଖିବାକୁ ଆସିବେ । ନିକଟରେ ଅନ୍ୟ ଜଣେ କୋରିଓଗ୍ରାଫର ପ୍ରତୀକ ଉକ୍‌ଳଙ୍କ ସହ ଧନଶ୍ରୀ ବର୍ମାଙ୍କ କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଥିଲା । ସେହି ଫଟୋଗୁଡ଼ିକ ପାଇଁ ଚହଲଙ୍କ ପତ୍ନୀଙ୍କୁ ବହୁତ ଟ୍ରୋଲ କରାଯାଇଥିଲା ।

ଧନଶ୍ରୀ ବର୍ମା ବର୍ତ୍ତମାନ ନିଜ ଇନଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି ଯେଉଁଥିରେ ସେ ଲୋକଙ୍କ ସମାଲୋଚନାର ଶିକାର ହୋଇଛନ୍ତି ଏବଂ କହିଛନ୍ତି ଯେ ମୁଁ ପୂର୍ବରୁ ଟ୍ରୋଲ ଏବଂ ମେମ୍ ଦ୍ୱାରା ବ୍ୟସ୍ତ ହୋଇ ନାହିଁ । କାରଣ କେଉଁ ମନ୍ତବ୍ୟକୁ ଅଣଦେଖା କରିବାକୁ ହୁଏ ଏବଂ କିଏ ଏହାକୁ ହସିପାରେ ମୁଁ ଜାଣିବାକୁ ଯଥେଷ୍ଟ ପରିପକ୍ୱ ଅଟେ, କିନ୍ତୁ ମୁଁ ନିକଟରେ ଏକ ଟ୍ରୋଲ ଦ୍ୱାରା ଆଘାତ ପାଇଛି । ଏହି ଟ୍ରୋଲ ମୋତେ ଆଘାତ ଦେଇଛି । କାରଣ ଏହା ସିଧାସଳଖ ମୋ ପରିବାରକୁ ପ୍ରଭାବିତ କରିଛି ।

ତାଙ୍କ ମତକୁ ଜାରି ରଖି ସେ କହିଛନ୍ତି, "ସୋସିଆଲ ମିଡିଆରେ ଆପଣଙ୍କର ମତ ପ୍ରକାଶ କରିବାର ସ୍ୱାଧୀନତା ଅଛି, କିନ୍ତୁ ଏହା କରିବାବେଳେ ଆପଣ ଏହା ଭୁଲିଯାଆନ୍ତି ଯେ ଏହା ଅନ୍ୟମାନଙ୍କ ପରିବାରର ଭାବନା ଉପରେ କିପରି ପ୍ରଭାବ ପକାଇବ । ସେଥିପାଇଁ ମୁଁ ସୋସିଆଲ ମିଡିଆ ବ୍ୟବହାର ବନ୍ଦ କରି ଦେଇଥିଲି । କିଛି ସମୟ, ମୋତେ ବିଶ୍ୱାସ କର ଯେ ସମୟ ମୋ ପାଇଁ ଶାନ୍ତିପୂର୍ଣ୍ଣ ଥିଲା ।

ଧନଶ୍ରୀ ବର୍ମା ଭାବପ୍ରବଣ ହୋଇ ଲୋକଙ୍କୁ ସୋସିଆଲ ମିଡିଆକୁ ନକାରାତ୍ମକତା ବିସ୍ତାର କରିବାକୁ ଏକ ମାଧ୍ୟମ ଭାବରେ ବ୍ୟବହାର ନକରିବାକୁ ଅନୁରୋଧ କରିଥିଲେ । ସେ କହିଛନ୍ତି ଯେ ସେ ଜଣେ ଯୋଦ୍ଧା ଏବଂ ନକାରାତ୍ମକ ଜିନିଷରୁ କେବେବି ପଛକୁ ଫେରିବେ ନାହିଁ । ଧନଶ୍ରୀ ତାଙ୍କ ସ୍ୱାମୀ ଯୁଜବେନ୍ଦ୍ର ଚହଲଙ୍କ ଠାରୁ ବହୁତ ସମର୍ଥନ ପାଇଛନ୍ତି ଏବଂ ପ୍ରତ୍ୟେକ ନିଷ୍ପତ୍ତିରେ ଉଭୟ ପରସ୍ପରକୁ ସମର୍ଥନ କରୁଛନ୍ତି । ଧନଶ୍ରୀ ଏହା ମଧ୍ୟ କହିଛନ୍ତି ଯେ ରିଅଲିଟି ସୋ 'ଝଲକ ଦିଖଲା ଜା'କୁ ଯିବାକୁ ଚହଲ ତାଙ୍କୁ ବହୁତ ସମର୍ଥନ କରିଛନ୍ତି ।



ବାରବାଟୀ ଷ୍ଟାଡ଼ିୟମ୍ ଜମି ଲିଜ୍‌ର ନବୀକରଣକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ ପାଇଁ ଧନ୍ୟବାଦ ଜଣାଇଲା ସଂଘ

କଟକ, ନ୍ୟୁଜ୍‌ବ୍ୟୁରୋ

ବାରବାଟୀ ଷ୍ଟାଡିୟମର ଜମି ଲିଜ୍ ପ୍ରଦାନ କ୍ଷେତ୍ରରେ ମଞ୍ଜୁରୀ ଦେଇଛନ୍ତି ରାଜ୍ୟ ସରକାର । ଏ ନେଇ ଓଡ଼ିଶା କ୍ରିକେଟ ଆସୋସିଏସନ ଏବଂ ଓଡ଼ିଶା ଅଲିମ୍ପିକ ଆସୋସିଏସନ ପକ୍ଷରୁ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ ଭି.କେ. ପଣ୍ଡିଆନ, କ୍ରୀଡ଼ା ମନ୍ତ୍ରୀ ଏବଂ କ୍ରୀଡ଼ା ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି । ବାରବାଟି ଷ୍ଟାଡିୟମ ଠାରେ ଉଭୟ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ୧୯୪୯ରେ ରାଜ୍ୟ ସରକାର କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶା ଅଲିମ୍ପିକ ଆସୋସିଏସନକୁ ଏକ ଟଙ୍କା ବିନିମୟରେ ଜମି ଯୋଗାଇ ଦେଇଥିଲେ । ଏହି ଜମି ଲିଜ୍ ୨୦ ବର୍ଷ ପାଇଁ ଥିଲା । ପରବର୍ତ୍ତୀ କାଳରେ ଅଲିମ୍ପିକ ଆସୋସିଏସନକୁ ପୁନଃ ନବୀକରଣ ପାଇଁ ଆବେଦନ କରିଥିଲା । ୧୯୮୯ରେ ଲିଜ୍ ଅବଧି ଶେଷ ହୋଇଯାଇଥିଲା । ଓଡ଼ିଶା ଆଲମ୍ପିକ ଆସୋସିଏସନ ପକ୍ଷରୁ ପୁନଃ ଆବେଦନ କରାଯାଇଥିଲା । କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜମି ଲିଜ୍‌ର ନବୀକରଣ ପାଇଁ ମଞ୍ଜୁରୀ ଦେଇଛନ୍ତି । ଏହା ସରକାରଙ୍କ ଏକ ଐତିହାସିକ ନିଷ୍ପତ୍ତି । ସରକାର ଜମି ଲିଜ୍ ନବୀକରଣ ମଞ୍ଜୁରୀ ଦେବାରୁ କ୍ରୀଡ଼ାର ବିକାଶ ଘଟିବ । ବାରବାଟୀ ଷ୍ଟାଡିୟମ ଏକ ବିଶ୍ୱସ୍ତରୀୟ ଷ୍ଟାଡିୟମରେ ପରିଣତ ହୋଇପାରିବ ବୋଲି କ୍ରିକେଟ ଆସୋସିଏସନର ସମ୍ପାଦକ ସଞ୍ଜୟ ବେହେରା, ଏବଂ ଅଲିମ୍ପିକର ସମ୍ପାଦକ ଅଭିଜିତ ପାଲ ସୂଚନା ଦେବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

'ସାରା ଜୀବନ ଧୋନୀଙ୍କ ପାଖରେ ରଣୀ ରହିବି' : ଅଶ୍ୱିନ

ଚେନ୍ନାଇ

ଷ୍ଟାର ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ଦିନକୁ ଦିନ ନୂଆ ଉପଲବ୍ଧି ହାସଲ କରୁଛନ୍ତି । ହେଲେ ୨୦୧୧ ଆଇପିଏଲ୍ ଫାଇନାଲରେ ମହେନ୍ଦ୍ର ସିଂହ ଧୋନୀ ଦେଖାଇଥିବା ବିଶ୍ୱାସ, ମାର୍ଗଦର୍ଶନକୁ ଭୁଲିନାହାନ୍ତି । କାରଣ ଏହା ତାଙ୍କ କ୍ୟାରିୟରକୁ ନୂଆ ଦିଗ ଦେଖାଇଥିଲା । ଏଥିଲାଗି ସେ ଧୋନୀଙ୍କ ପାଖରେ ରଣୀ ରହିବେ ବୋଲି ଏକ ସାକ୍ଷାତକାରରେ ଅଶ୍ୱିନ କହିଛନ୍ତି । ଭିନ୍ନ ରଣନୀତିରେ ଧୋନୀ ୨୦୧୧ ଆଇପିଏଲ୍ ଫାଇନାଲରେ ଅଶ୍ୱିନଙ୍କୁ ନୂଆ ବଲ୍ ଦେଇଥିଲେ । ହେଲେ ଚମତ୍କାର ବୋଲିଂ ୪

30 YEARS
ସମୟ କାହାଣୀ
ଭୁବନେଶ୍ୱର, ୧୮ ମାର୍ଚ୍ଚ ୨୦୨୪ ସୋମବାର

ଆଇନ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ସୋଆ ଲେକ୍ସ କନ୍‌ସିଲିୟମ୍ ଆୟୋଜିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଆଇନ୍ ଶିକ୍ଷା ନିମନ୍ତେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ବଢ଼ିଚାଲିଥିବା ବେଳେ ଏହାର ନିଯୁକ୍ତି କ୍ଷେତ୍ରର ପରିସୀମା ମଧ୍ୟ ପରିବ୍ୟାପ୍ତ ହେବାରେ ଲାଗିଛି। ତେଣୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ସ୍ନିଲ୍) ଓ ସେଂଟ୍ରାଲ୍ ପ୍ଲେସ୍‌ମେଂଟ ସେଲ୍‌ର ମିଳିତ ଆନୁକୂଲ୍ୟରେ ଆଇନ୍ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ନିମନ୍ତେ ବାର୍ଷିକ ଲ କନ୍‌କ୍ଲେଭ୍ 'ସୋଆ ଲେକ୍ସ କନ୍‌ସିଲିୟମ୍' ଆୟୋଜିତ ହୋଇଯାଇଛି। ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ନିଲ୍ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ ର୍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍ୟାଙ୍କିଙ୍ଗ୍‌ସ ଅନୁଯାୟୀ ଦେଶର ୮ମ ଶ୍ରେଷ୍ଠ ଆଇନ୍ ଶିକ୍ଷାନୁଷ୍ଠାନ ବୋଲି ଉଲ୍ଲେଖ କରିଥିଲେ। ସୋଆ ଗବେଷଣାକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଏହାର ୨୦ଟି ଗବେଷଣା କେନ୍ଦ୍ର ରହିଛି ବୋଲି କୁଳପତି କହିଥିଲେ।
କାର୍ଯ୍ୟକ୍ରମରେ ସ୍ନିଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ, ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରନ ଦାସ ଓ ନିର୍ଦ୍ଦେଶକ କର୍ପୋରେଟ ଆଫେୟାର୍ସ ଶ୍ରୀ ରିପ୍ତି ରଞ୍ଜନ ଦାଶ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଆଲୋଚନାରେ ମୋରେ ଗ୍ଲୋବାଲ୍‌ର ସିନିୟର ଡାଇରେକ୍ଟର ଶ୍ରୀ ବିକାଶ କୁମାର, ଲିଗାଲ୍ (ଟିସିଆଇ ଗ୍ରୁପ୍)ର ହେଡ୍ ଶ୍ରୀ ପ୍ରଶାନ୍ତ ପଣ୍ଡା, ବର୍ଗନ୍ ଲର ପାର୍ଟନର ଶ୍ରୀ ଅଭିଷେକ ସିଙ୍ଗ୍‌ଲା, ଫକ୍ସ ମଣ୍ଡଲ୍ ଆଣ୍ଡ ଆସୋସିଏଟ୍ସ ର କର୍ପୋରେଟ କମ୍ୟୁନିକେସନ୍‌ସ ହେଡ୍ ଶ୍ରୀମତି ମନସ୍ୱିନୀ ମିଶ୍ର ଓ ଲେକ୍ସ ସୁପ୍ରିମସ୍‌ର ମ୍ୟାନେଜିଂ ପାର୍ଟନର ଶ୍ରୀ ଚୈତନ୍ୟ ମହାଜନ ଯୋଗ ଦେଇ 'ଏମର୍ଜିଂ ଟ୍ରେଣ୍ଡସ୍ ଇନ୍ ଲିଗାଲ ଟେକ୍ନୋଲୋଜି' ଶୀର୍ଷକ ପ୍ରସଙ୍ଗରେ ଆଲୋଚନା କରିବା ସହ ଟେକ୍ନୋଲେଜିର ପ୍ରଭାବ କିଭଳି ଆଇନ୍ ବୃତି ଉପରେ ପଡୁଛି ଏବଂ ଆଇନ୍ ଛାତ୍ରଛାତ୍ରୀମାନେ ଏହି ପରିବର୍ତ୍ତନକୁ କିଭଳି ଗ୍ରହଣ କରୁଛନ୍ତି ସେ ନେଇ ଆଲୋଚନା କରିବା ସହ ସ୍ନିଲ୍‌ର ଛାତ୍ରଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ମୋରେ ଗ୍ଲୋବାଲ୍‌ର ସିନିୟର ଡାଇରେକ୍ଟର ଅପରେସନ୍ସ ଶ୍ରୀମତି ପୂଜା ରଏ, ଲେଗିକ୍ସେଷ୍ଟର କୋ-ଫାଉଣ୍ଡର ଓ ସିଓଓ ଡକ୍ଟର ହିମାଂଶୁ ପୁରୀ, କଶ୍ୟପ୍ ପାର୍ଟନର୍ସ ଆଣ୍ଡ ଆସୋସିଏଟ୍ସ ଏଲଏଲ୍‌ପିର ଫାଉଣ୍ଡର ଆଣ୍ଡ ମ୍ୟାନେଜିଂ ଡାଇରେକ୍ଟର ଶ୍ରୀମତି ଆଭା କଶ୍ୟପ, ଲୁମିନା ଡାଟାମେଟିକ୍ସ ଲିମିଟେଡ୍‌ର ଏଚ୍‌ଆର୍ ଲିଡ୍ ଶ୍ରୀ ବିପିନ୍ ପାଠକ, ଲ ମାଇଣ୍ଡସ୍‌ର ଲିଗାଲ ହେଡ୍ ଶ୍ରୀମତି ଜୟ ରକ୍‌ସିତା ଯୋଗ ଦେଇ 'ଡାଇଭର୍ସ କ୍ୟାରିୟର ପାଥ୍ସ ଫର୍ ଲ' ଗ୍ରାଜୁଏଟ୍‌ସ' ଶୀର୍ଷକ ପ୍ରସଙ୍ଗରେ ଆଲୋଚନା କରିବା ସହ ଚିରାଚରିତ ଆଇନ୍ ପେଶା ବ୍ୟତୀତ ଆଇନ୍ ଛାତ୍ରଛାତ୍ରୀଙ୍କର ନିଯୁକ୍ତିର ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ।
ଆଇନ୍ ଛାତ୍ରଛାତ୍ରୀମାନେ ବିଚାର ବିଭାଗୀୟ କ୍ଷେତ୍ର ସହ ଆଇନ ପେଶା ସମେତ କର୍ପୋରେଟ ସେକ୍ଟରରେ ମଧ୍ୟ କାର୍ଯ୍ୟ କରିବାର ସୁଯୋଗ ରହିଛି। ତେଣୁ କର୍ପୋରେଟ ସେକ୍ଟରରେ କିଭଳି ସେମାନେ ଭଲ ନିଯୁକ୍ତି ପାଇବା ସହ ନିଜକୁ ଖାପ ଖୁଆଇପାରିବେ ସେ ସମ୍ପର୍କରେ ବିଶେଷଜ୍ଞମାନେ ଛାତ୍ରଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ।
କାର୍ଯ୍ୟକ୍ରମରେ ସ୍ନିଲ୍‌ର ସିନିୟର ପ୍ରଫେସର ପ୍ରବୀର ପଟ୍ଟନାୟକ ଓ ପ୍ରଫେସର ମଧୁସୁଦନ ଦାସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ରିପ୍ତି ରଞ୍ଜନ ଦାଶ ଓ ତାଙ୍କ ଟିମ୍ ପରିଚାଳନା କରିଥିଲେ।

ସାଧାରଣ ନିର୍ବାଚନ-୨୦୨୪କୁ ନେଇ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ

କଟକ, ନ୍ୟୁଜ ବ୍ୟୁରୋ
ସାଧାରଣ ନିର୍ବାଚନ ୨୦୨୪ ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ଆସନ୍ତା ମେ ୨୫ ଓ ଜୁନ୍ ୧ ତାରିଖରେ ଜିଲ୍ଲାରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲାର ତିନିଟି ସଂସଦୀୟ ନିର୍ବାଚନ ମଣ୍ଡଳୀ ଅଧିନରେ ୯ଟି ବିଧାସଭା ନିର୍ବାଚନ ମଣ୍ଡଳୀ ରହିଛି । ଜିଲ୍ଲାରେ ମୋଟ ୨୧,୪୧,୯୦୪ଜଣ ଭୋଟର ଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ରହିଛି ୧୦,୪୧,୬୧୯ ଓ ଅନ୍ୟାନ୍ୟ ଭୋଟର ସଂଖ୍ୟା ୨୬୪। ପ୍ରଥମ ଥର ଭୋଟ୍ ଦେଉଥିବା ଭୋଟରଙ୍କ ସଂଖ୍ୟା ୪୫,୨୧୮ ରହିଥିବା ବେଳେ ଶହେ ବର୍ଷରୁ ଅଧିକ ଭୋଟରଙ୍କ ସଂଖ୍ୟା ରହିଛି ୮୨୯ ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ରହିଛି ୪୧,୯୯୨। ପ୍ରକାଶ ଥାଉକି ସମଗ୍ର ଦେଶରେ ସାତଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେଉଥିବାବେଳେ ଓଡ଼ିଶାରେ ଚାରିଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ।
ଚଳିତ ଥର ପ୍ରଥମ ଥର ପାଇଁ ୮୫ ବର୍ଷରୁ ଅଧିକ ବୟସର ଭୋଟର ଓ ୪୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ଦିବ୍ୟାଙ୍ଗ ଭୋଟରମାନଙ୍କ ନିମନ୍ତେ ଘରେ ବସି ଭୋଟିଂ ବ୍ୟବସ୍ଥା କରାଯାଇଛି। ଘରେ ବସି ଭୋଟ୍ ଦେବା ପାଇଁ ଆବେଦନ କରିଥିବା ଭୋଟରମାନେ ହିଁ କେବଳ ଏହି ବ୍ୟବସ୍ଥାର ଲାଭ ଉଠାଇପାରିବେ।
ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ କରିବା ପାଇଁ ଜିଲ୍ଲାର ଷାଠିଏ ପ୍ରତିଶତ ବୁଥ୍‌ରେ ୱେବକାଷ୍ଟିଂ ବ୍ୟବସ୍ଥା କରାଯାଇଥିବା ବେଳେ ବିଭିନ୍ନ ବୁଥ୍‌ରେ ସିସିଟିଭି ଲଗାଯାଇଛି ଏବଂ ମାଇକ୍ରୋ ଅବଜରଭରମାନଙ୍କୁ ନିୟୋଜିତ କରାଯାଇଛି। ନିର୍ବାଚନ ଅନିୟମିତତା ସମ୍ପର୍କିତ କୌଣସି ଅଭିଯୋଗର ପଞ୍ଜିକରଣ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମନ୍ୱିତ କଂଟ୍ରୋଲ ରୁମ୍ ଖୋଲାଯାଇଛି। ଏଥିସହ ୧୯୫୦ ଟୋଲ ଫ୍ରି ନମ୍ବର କିମ୍ବା ସି-ଭିଜିଲ୍ ଆପ୍ ମାଧ୍ୟମରେ ମଧ୍ୟ ଜନସାଧାରଣ ଅନିୟମିତତା ସମ୍ପର୍କିତ ଅଭିଯୋଗ କରିପାରିବେ।
ଚଳିତ ଥର ନିର୍ବାଚନ ଅନୁଷ୍ଠିତ ହେବାର ଗୋଟିଏ ଦିନ ପୂର୍ବରୁ ପୋଲିଂ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ପୋଲିଂ ବୁଥ୍‌ଗୁଡିକୁ ପଠାଯିବାର ବ୍ୟବସ୍ଥା କରାଯାଇଛି।
ଜିଲ୍ଲାର ସମସ୍ତ ବୁଥ୍‌ରେ ଭୋଟରମାନଙ୍କ ସୁବିଧା ନିମନ୍ତେ ର୍ୟାମ୍ପ, ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା ଆଦି ଉପଲବଧ କରାଯାଇଛି। ଏଥିସହ ଜିଲ୍ଲାରେ ୨୭୮ଟି ମହିଳା ବୁଥ୍ କରାଯାଇଛି। ଏହି ବୁଥ୍‌ଗୁଡିକରେ ସମସ୍ତ ଅଧିକାରୀ ଓ କର୍ମକର୍ତ୍ତା ମହିଳା ନିୟୋଜିତ ରହିବେ।
ଚଳିତ ନିର୍ବାଚନ ପ୍ରକ୍ରିୟାରେ ଗଣମାଧ୍ୟମ ରଚନାତ୍ମକ ଭୂମିକା ନିର୍ବାହ କରି ପ୍ରଶାସନକୁ ସଫଳତାର ସହ ଏହି ପ୍ରକ୍ରିୟା ଶେଷ କରିବାରେ ସହଯୋଗ କରିବେ ବୋଲି ଜିଲ୍ଲାପାଳ ଆଶାପ୍ରକାଶ କରିଛନ୍ତି।
ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଉମାକାନ୍ତ ରାଜ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଶ୍ରୀ ଦିବ୍ୟଲୋଚନ ମହାନ୍ତି, ମୁଖ୍ୟ ଉନ୍ନୟନ ତଥା ମୁଖ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କଟକ ଶ୍ରୀ ସୁବାସ ଚନ୍ଦ୍ର ରାୟ, ଉପଜିଲ୍ଲାପାଳ ଶ୍ରୀ ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ ଦେବାଶିଷ ମହାପାତ୍ର, ସହକାରୀ ଜିଲ୍ଲାପାଳ ଶ୍ରୀକାନ୍ତ ବେହେରା, ଡେପୁଟି କଲେକ୍ଟର ଶ୍ରୀମତୀ ଜ୍ୟୋତ୍ସା ନାୟକ ଓ ନିଷ୍ଠା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପିଏମ ସୂର୍ଯ୍ୟଘର ବିଜୁଳି ଯୋଜନା: ପଞ୍ଜୀକରଣ ଆରମ୍ଭକଲା ଡାକ ବିଭାଗ

୩୦ ଦିନ ମଧ୍ୟରେ ଆକାଉଣ୍ଟକୁ ଆସିବ ସବସିଡି

ନୂଆଦିଲ୍ଲୀ
ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର, ମାଗଣା ବିଜୁଳି ଯୋଜନାରେ ଉପଭୋକ୍ତା ଓ ଘର ପଞ୍ଜୀକରଣ ଆରମ୍ଭ ହୋଇଛି। ଭାରତୀୟ ଡାକ ବିଭାଗ ଏହି ପଞ୍ଜୀକରଣ ଦାୟିତ୍ୱ ବହନ କରିଛି। ଯେଉଁ ଘରର ମାଲିକ ତାଙ୍କ ଛାତ ଉପରେ ସୌର ଫଳକ(ସୋଲାର ପ୍ୟାନେଲ) ଖଞ୍ଜି ଶକ୍ତି ସ୍ୱାବଲମ୍ବୀ ହେବାକୁ ଚାହିଁବେ ସେ ନିକଟସ୍ଥ ଡାକଘରକୁ ଯାଇ ସ୍ଥାନୀୟ ପୋଷ୍ଟମାଷ୍ଟର ଏପରିକି ପୋଷ୍ଟମ୍ୟାନଙ୍କ ସହଯୋଗ ନେଇ ନିଜକୁ ତଥା ଘରକୁ ଏହି ଯୋଜନାରେ ପଞ୍ଜୀକୃତ କରାଇପାରିବେ। ଯେଉଁମାନେ ଏହି ଯୋଜନାର ଉପଭୋକ୍ତା ଭାବେ ପଞ୍ଜିକୃତ ହେବାକୁ ଚାହିଁବେ, ସେ http://pmsuryaghar.gov.in/ ପୋର୍ଟାଲକୁ ଯାଇ ରାଜ୍ୟର ନାମ, ବିଦ୍ୟୁତ ବିତରଣ କମ୍ପାନୀର ନାମ, ନିଜ ନାମ ଓ ଘର ଠିକଣା, ବିଦ୍ୟୁତ ଗ୍ରାହକ ନମ୍ବର, ମୋବାଇଲ ନମ୍ବର, ଇ-ମେଲ ଆଡ୍ରେସ, ଛାତର କ୍ଷେତ୍ରଫଳ, କେତେ କିଲୋୱାଟ କ୍ଷମତାର ସୌର ବିଜୁଳି ସିଷ୍ଟମ୍ ଚାହୁଁଛନ୍ତି ଆଦି ତଥ୍ୟ ବା ପ୍ଲାନ୍ ଡିଟେଲସ ରୁଫଟପ୍ ସୋଲାର ଫର୍ମରେ ଭରି ଆବେଦନ(ସବମିଟ୍) କରିବାକୁ କରିବାକୁ ହେବ। ଉପଭୋକ୍ତା ଭାବେ ସରକାରଙ୍କ ଦ୍ୱାରା ଚିହ୍ନଟ ହେବା (ଆପ୍ରୁଭାଲ ପାଇବା)ପରେ ବିଦ୍ୟୁତ ବିତରଣ କମ୍ପାନୀର ପଞ୍ଜିକୃତ ଭେଣ୍ଡର ସେହି ଉପଭୋକ୍ତାଙ୍କ ଘରଛାତ ଉପରେ ଦରକାର/ମଞ୍ଜୁରୀ ମୁତାବକ ସୌର ଫଳକ ଓ ଅନ୍ୟ ଆନୁସଙ୍ଗିକ ସିଷ୍ଟମ ସ୍ଥାପନ କରିବେ।
ତା'ପରେ ଉପଭୋକ୍ତା ନେଟ୍ ମିଟର ପାଇଁ ଆବେଦନ ସବମିଟ୍ କଲେ ପୋର୍ଟାଲରେ କମିସନିଂ ସାର୍ଟିଫିକେଟ୍ ଜେନେରେଟ୍ ହେବ। ଉପଭୋକ୍ତା ତା'ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଡିଟେଲସ ଅପଲୋଡ୍ କରିବା ସହ ପୋର୍ଟାଲ ଜରିଆରେ ଏକ କ୍ୟାନସଲଡ୍ ଚେକ୍ ଦେଲେ ୩୦ ଦିନ ମଧ୍ୟରେ ତାଙ୍କ ଆକାଉଣ୍ଟରେ ସବସିଡି ଟଙ୍କା ଜମା ହୋଇଯିବ। ସମଗ୍ର ଦେଶରେ ୧କୋଟି ଘରଛାତ ଉପରେ ସୌର ଫଳକ ଖଞ୍ଜାଯାଇ ପ୍ରତି ଘରଛାତରୁ ମାସକୁ ହାରାହାରି ୩୦୦ ୟୁନିଟ୍ ସୌର ବିଦ୍ୟୁତ ଉତ୍ପାଦନ ପାଇଁ ଏହି ଯୋଜନାରେ ଲକ୍ଷ୍ୟ ରଖାଯାଇଛି।

ନିର୍ବାଚନ କମିଶନଙ୍କ ଘୋଷଣାକୁ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ନିର୍ବାଚନ କମିସନଙ୍କ ଦ୍ୱାରା ୨୦୨୪ ନିର୍ବାଚନ ପାଇଁ କରାଯାଇଥିବା ଘୋଷଣାକୁ ସ୍ୱାଗତ କରିବା ସହ ଚଳିତ ନିର୍ବାଚନରେ ବିଜେପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଲ୍ୟାଣକାରୀ ଯୋଜନା ଓ ବିଗତ ୧୦ ବର୍ଷର ଟ୍ରାକ୍ ରେକର୍ଡ ଆଧାରରେ ଜନତାଙ୍କ ଆସ୍ଥାଭାଜନ ହେବା ପାଇଁ ଚେଷ୍ଟା କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ପୃଥିବୀର ପ୍ରଭାବଶାଳୀ ଗଣତନ୍ତ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିଛି । ଗଣତନ୍ତ୍ରର ସବୁଠୁ ବଡ ପର୍ବ ହେଉଛି ନିର୍ବାଚନ । ଲୋକ ମାନଙ୍କର ଅପେକ୍ଷା ଓ ଆକାଂକ୍ଷା ତଥା ନିର୍ଭୀକ ଭାବେ ନିଜ ମତକୁ ସାବ୍ୟସ୍ତ କରିବାର ଏହା ମହାନ ଅବସର । ବିଗତ ୭୬ ବର୍ଷରେ ଆମ ଦେଶର ପ୍ରମୁଖ ଉପଲବ୍ଧିକୁ ଦେଖିଲେ ଭାରତର ସଫଳ ନିର୍ବାଚନ ପ୍ରକ୍ରିୟା ତନ୍ମଧ୍ୟରୁ ଏକ ବଡ ଉପଲବ୍ଧି । ନିର୍ବାଚନ କମିସନଙ୍କ ଦ୍ୱାରା ଓଡ଼ିଶା ସମେତ ଦେଶରେ ୨୦୨୪ ନିର୍ବାଚନ ପାଇଁ କରାଯାଇଥିବା ଘୋଷଣାକୁ ଜଣେ ଗଣତନ୍ତ୍ରର ବିଦ୍ୟାର୍ଥୀ ଭାବରେ ସ୍ୱାଗତ କରୁଛି । ଓଡ଼ିଶା ସମେତ ସମଗ୍ର ଦେଶର ଜନସାଧାରଣ ଓ ସମସ୍ତ ରାଜନୈତିକ ଦଳମାନଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଇବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସମାଜର ସବୁ ବର୍ଗର ଲୋକମାନେ ବିଶେଷ ଭାବରେ ଗରିବ, ବଞ୍ଚିତ, ମହିଳା, ଯୁବ, ଚାଷୀ, ଏସସି, ଏସଟି, ଓବିସି ସମ୍ପ୍ରଦାୟର ଲୋକମାନେ ଏହି ଗଣତନ୍ତ୍ରର ମହାନ ଉତ୍ସବରେ ନିଜକୁ ସାମିଲ କରିବେ । ସମସ୍ତ ରାଜନୈତିକ ଦଳ ନାଗରିକ ମାନଙ୍କ ପାଖକୁ ଯିବେ । ପ୍ରସଙ୍ଗ ଭିତ୍ତିକ ନିର୍ବାଚନ ଲଢାଯିବ । ଆଲୋଚନା, ସମାଲୋଚନା ସହ ନିର୍ବାଚନ ପ୍ରଚାରରେ ଅଭିନବ ଉପାୟ ଅବଲମ୍ବନ ହେବ । ଉନ୍ମାଦନାର ସହ ନିର୍ବାଚନ ଆଚରଣ ବିଧିର ସୀମା ଭିତରେ ରହି ସମସ୍ତେ ପ୍ରଚାର କରିବା ।

ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ବାଚନ ପର୍ଯ୍ୟବେକ୍ଷକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ପ୍ରକ୍ରିୟାକୁ ମୁକ୍ତ, ଅବାଧ ଓ ନିରପେକ୍ଷ ରୂପେ ପରିଚାଳନା କରିବା ପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ବାଚନ ପର୍ଯ୍ୟବେକ୍ଷକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ କାର୍ଯ୍ୟାଳୟରୁ ନିର୍ବାଚନ ପର୍ଯ୍ୟବେକ୍ଷକ ମାନେ ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ। ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ରେ ନିୟୋଜିତ ହେବାକୁ ଥିବା ଏହି ସମସ୍ତ ପର୍ଯ୍ୟବେକ୍ଷକଙ୍କୁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ବାଚନ ପ୍ରକ୍ରିୟାର ସମସ୍ତ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ନିର୍ବାଚନ ପ୍ରକ୍ରିୟାରେ ପର୍ଯ୍ୟବେକ୍ଷକମାନେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ସେ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ନିର୍ବାଚନ ପର୍ଯ୍ୟବେକ୍ଷକମାନେ ମତଦାନ ପ୍ରକ୍ରିୟାବେଳେ ତୃଣମୂଳ ସ୍ତରରେ କେଉଁ ସବୁ ଆହ୍ୱାନର ସାମ୍ନା କରିବାକୁ ପଡିବ ଓ ନିୟମ ଅନୁଯାୟୀ ସେମାନେ କିଭଳି ଭାବରେ ସେହି ସମସ୍ତ ବିଷୟକୁ କମିଶନଙ୍କ ଧ୍ୟାନକୁ ଆଣିବେ ସେ ସମ୍ପର୍କରେ ସବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକର ଅନ୍ତିମ ପର୍ଯ୍ୟାୟରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ପର୍ଯ୍ୟବେକ୍ଷକମାନଙ୍କୁ ସମ୍ବୋଧନ କରିଥିଲେ।

ଆର.ଡ଼ି.ସି.ଙ୍କ ଭଦ୍ରକ ଗସ୍ତ, ପରିଦର୍ଶନ କଲେ ନିର୍ବାଚନୀ ପ୍ରଶିକ୍ଷଣ କେନ୍ଦ୍ର

ଭଦ୍ରକ, ନ୍ୟୁଜ ବ୍ୟୁରୋ
ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ରେ ମତଦାନ କାର୍ଯ୍ୟକ୍ରମ ପରିଚାଳନା ନେଇ ନିୟୋଜିତ ହୋଇଥିବା ପ୍ରିଜାଇଡ଼ିଂ ଓ ପୋଲିଂ ଅଧିକାରୀ ମାନଙ୍କ ପାଇଁ ମାର୍ଚ୍ଚ ୧୫ରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଅବସରରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୋଗ ରଞ୍ଜନ କୁମାର ଦାସ ଦିନିକିଆ ଭଦ୍ରକ ଗସ୍ତରେ ଆସି ବିଭିନ୍ନ ପ୍ରଶିକ୍ଷଣ୍ କେନ୍ଦ୍ର, ଏବଂ ଇ.ଭି.ଏମ୍. ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରିଛନ୍ତି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହିତ ପ୍ରଥମେ ଜିଲ୍ଲା କାର୍ଯ୍ୟାଳୟର ନିର୍ବାଚନ ଅନୁଭାଗକୁ ଯାଇ ଜିଲ୍ଲା ପ୍ରଶାସନର ନିର୍ବାଚନୀ ପ୍ରସ୍ତୁତି ନେଇ କିଛି ତଥ୍ୟ ସମ୍ବନ୍ଧରେ ପଚାରି ବୁଝିଥିଲେ। ନିଶୁଳ୍କ ଯୋଗାଯୋଗ ନଂ ୧୯୫୦ ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ପରେ ଜିଲ୍ଲାପାଳଙ୍କ ସହ ଭଦ୍ରକ କଲେଜ ପରିସରରେ ଥିବା ଇ.ଭି.ଏମ୍. ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରିବା ସହିତ ସେଠାରେ ଆୟୋଜିତ ହେବାକୁ ଥିବା ଡିସ୍‌ପରସାଲ ଏବଂ ରିସିଭିଂ କେନ୍ଦ୍ର ତଦାରଖ କରି ଆବଶ୍ୟକ ବ୍ୟବସ୍ଥା ସମ୍ବନ୍ଧରେ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଭଦ୍ରକ ବ୍

ଉତ୍କଳ ଦୀପିକା
ଶେଷ ପୃଷ୍ଠା
ଭୁବନେଶ୍ୱର
୧୮ ମାର୍ଚ୍ଚ
ସୋମବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଭୁବନେଶ୍ୱର ୧୭/୩ ନ୍ୟୁଜ ବ୍ୟୁରୋ

ଆଗାମୀ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣବିଧି ଘୋଷଣା ହୋଇଛି । ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଲା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ବନ୍ଦ ରହିବ । ଏନେଇ ରବିବାର ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ

ପ୍ରତିଦିନ ସିଂହଦ୍ୱାର ସମ୍ମୁଖରେ ବେଦ ପାଠ ସହ ନାମ ସଂକୀର୍ତ୍ତନ ହେବ

ପୁରୀ, ୧୭/୩ ନ୍ୟୁଜ ବ୍ୟୁରୋ

ଏଣିକି ପ୍ରତିଦିନ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦୈନିକ ସକାଳୁ ବେଦ ପାଠ ଏବଂ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ପରିକ୍ରମା ମାର୍ଗକୁ ଏକ ଆଧ୍ୟାତ୍ମିକ ପରିବେଶ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ । ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଯେଭଳି ଏକ ନୂଆ ଅନୁଭୂତି ନେଇ ଫେରିବେ ସେଥିପାଇଁ ଏହି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଦୋଳପୂର୍ଣ୍ଣିମାରୁ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ପ୍ରତିଦିନ ସକାଳ ୬ଟା ରୁ ୭ଟା ମଧ୍ୟରେ ସିଂହଦ୍ୱାର ସମ୍ମୁଖରେ ବେଦ ପାଠ ଅନୁଷ୍ଠିତ ହେବ । ପରେ ପରିକ୍ରମା ମାର୍ଗରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବ । ସେହିପରି ପ୍ରତିଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗର ପଶ୍ଚିମ ଓ ଉତ୍ତର ଦ୍ୱାର କୋଣରେ ଥିବା ସ୍ୱତନ୍ତ୍ର ଗ୍ୟାଲେରୀରେ ଓଡ଼ିଶୀ, ଛାନ୍ଦ, ଚମ୍ପୁ, ଗୋଟିପୁଅ, ମାହାରୀ ନୃତ୍ୟ ସହିତ ମହାପ୍ରଭୁଙ୍କ ବିଭିନ୍ନ କଥାବସ୍ତୁକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ଆଦର୍ଶ ଆଚରଣ ବିଧି ଲାଗୁ କରିବାକୁ ଜିଲ୍ଲାପାଳମାନଙ୍କୁ ମୁଖ୍ୟ ଶାସନ ସଚିବଙ୍କ ଚିଠି

ଭୁବନେଶ୍ୱର, ୧୭/୩ ନ୍ୟୁଜ ବ୍ୟୁରୋ

ରାଜ୍ୟରେ ସାଧାରଣ ନିର୍ବାଚନ ତାରିଖ ଘୋଷଣା କରିବା ପରେ ସମସ୍ତ ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଲାଗୁ କରିବାକୁ ରାଜ୍ୟର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ନିର୍ବାଚନ ତାରିଖ ଘୋଷଣା ହେବା ମାତ୍ରେ ତୁରନ୍ତ ଆଦର୍ଶ ଆଚରଣ ବିଧି ଲାଗୁକରାଗଲା । ଏହି ବ୍ୟବସ୍ଥା ସାଧାରଣ ନିର୍ବଚନ ଏବଂ ବିଧାନସଭା ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ । ତେବେ ଏହି ସମୟ ମଧ୍ୟରେ କୌଣସି ଜିଲ୍ଲା ସ୍ତରରେ ଜନଶୁଣାଣି ହେବ ନାହିଁ । ସୋମବାର ଜିଲ୍ଲାପାଳ ଏବଂ ଜିଲ୍ଲା ଏସ୍‌ପିଙ୍କ ଦ୍ୱାରା କରାଯାଉଥିବା ଜନଶୁଣାଣି ନିର୍ବାଚନ ପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ହେବ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି ।

ହଜାର ହଜାର ସମର୍ଥକଙ୍କ ସହ ବିଜେଡିରେ ମିଶିଲେ ବାପି ସର୍ଖେଲଙ୍କ ପତ୍ନୀ ମୋନିଦୀପା

ଭୁବନେଶ୍ୱର, ୧୭/୩ ନ୍ୟୁଜ ବ୍ୟୁରୋ

ବଢ଼ିଲା ବିଜେଡି ବଳ । ଦଳରେ ସାମିଲ ହେଲେ ବାପି ସର୍ଖେଲଙ୍କ ପତ୍ନୀ ମୋନିଦୀପା ସର୍ଖେଲ । ହଜାର ହଜାର ସମର୍ଥକଙ୍କ ସହ ଆସି ବିଜେଡିରେ ଯୋଗ ଦେଇଛନ୍ତି ମୋନିଦୀପା । ସେ ବର୍ତ୍ତମାନ ପାରାଦ୍ୱୀପ-ଏରସମା ଶିକ୍ଷାଞ୍ଚଳ ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ଅଛନ୍ତି । ତାଙ୍କ ସମର୍ଥନରେ ଜିତିଥିବା ସାତ ସ୍ୱାଧୀନ କାଉନସିଲର ବି ବିଜେଡିରେ ଯୋଗ ଦେଇଛନ୍ତି । ସେମାନେ ହେଲେ ଛବିଲତା ରାଉତ, ଜୟନ୍ତୀ ମାଦେଲି, ସ୍ୱପନାରାଣୀ ଜେନା, ବନିତା ରାଉତ, ଶୁକ୍ରମଣି ନାଗ, ସୌଦାମିନୀ ରାଉତ , ରୁନିବାଳା ପରିଡା, ଜଗନା ରାଓ କାମଲା । ସେମାନଙ୍କୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବଂ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ସ୍ୱାଗତ କରିଛନ୍ତି ମାନସ ମଙ୍ଗରାଜ । ନବୀନ ପଟ୍ଟନାୟକଙ୍କ ବିକାଶ ଧାରାରେ ଅନୁପ୍ରାଣୀତ ହୋଇ ବିଜେଡିରେ ସାମିଲ ହେବାକୁ ସେମାନେ ଆବେଦନ କରିଥିଲେ । ମୁଖ୍ୟମନ୍ତ୍ରୀ କାହାକୁ ଅଣଦେଖା କରନ୍ତି ନାହିଁ । ସେ କାମରେ ବିଶ୍ୱାସ କରନ୍ତି । କର୍ମୀମାନେ ଲଢୁଆ ସୈନିକ ଭାବେ କାମ କରିବେ । ସମସ୍ତେ ଦଳରେ ଉଚିତ ପ୍ରାପ୍ୟ ପାଇବେ ବୋଲି କହିଛନ୍ତି ମାନସ ମଙ୍ଗରାଜ । ଜଗତସିଂହପୁର ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଅରୁଣ ସାହୁ କହିଥିଲେ ଯେ, ବିଜେଡି ସାରା ଓଡ଼ିଶାର ଆଶା ଓ ବିଶ୍ୱାସର ଦଳ ପାଲଟିଛି । ସାଢେ ଚାରି କୋଟି ଲୋକଙ୍କ ହୃଦୟର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଯେଉଁମାନେ ମିଶିଲେ ସେମାନେ ଦଳକୁ ସୁଦୃଢ କରିବାକୁ ସମସ୍ତେ କାମ କରିବେ । ବିଜେଡି ଶୃଙ୍ଖଳିତ ଓ ସଂଗଠିତ ଦଳ । ଏହି ମିଶ୍ରଣ ଯୋଗୁଁ ଜଗତସିଂହପୁର ଜିଲ୍ଲାରେ ସଂଗଠନ ଆହୁରି ସୁଦୃଢ ହେବ । ପାରାଦ୍ୱୀପ ବିଧାୟକ ସମ୍ମିତ ରାଉତରାୟ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଓ ସଂଗଠନ ସମ୍ପାଦକଙ୍କ ଅନୁମୋଦନରେ ମିଶ୍ରଣ ହୋଇଛି । ସେହିପରି ବିଜେଡିରେ ସାମିଲ ହେବା ଅବସରରେ ମୋନିଦୀପା କହିଛନ୍ତି, ବିଜୁ ପଟ୍ଟନାୟକଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ଆଦର୍ଶ ମୁଖ୍ୟମନ୍ତ୍ରୀ । ତାଙ୍କ କାର୍ଯ୍ୟଧାରା ଓ ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣୀତ ହୋଇ ବିଜେଡିରେ ମିଶିଛି । ଏଥିପାଇଁ ମାନସ ମଙ୍ଗରାଜ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ପ୍ରଥମଥର ପାଇ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ମିଳିବ ଡିଜିଟାଲ ସାର୍ଟିଫିକେଟ

କଟକ, ୧୭/୦୩ ନ୍ୟୁଜ ବ୍ୟୁରୋ

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ମିଳିବ ଡିଜିଟାଲ ସାର୍ଟିଫିକେଟ । ପରୀକ୍ଷାର୍ଥୀମାନଙ୍କୁ ପ୍ରଥମ ଥର ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଡିଜିଟାଇଜଡ ସାର୍ଟିଫିକେଟ ପ୍ରଦାନ କରିବ । ତେବେ ପରୀକ୍ଷା ଫଳାଫଳ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ଅନଲାଇନରେ ଏହି ସାର୍ଟିଫିକେଟ ପ୍ରଦାନ କରାଯିବ । ପରୀକ୍ଷାର୍ଥୀମାନେ ଆଡମିଟ କାର୍ଡରେ ଥିବା ରୋଲ ନମ୍ବର ସହାୟତାରେ ନିଜ ନିଜର ଡିଜିଟାଇଜଡ ମାଟ୍ରିକ ସାର୍ଟିଫିକେଟ ଓ ମାର୍କସିଟ୍ ବୋର୍ଡ ୱେବସାଇଟରୁ ଡାଉନଲୋଡ କରିପାରିବେ । ଏହା ବ୍ୟତୀତ ସାର୍ଟିଫିକେଟର ହାର୍ଡ କପି ରେଜଲ୍ଟ ବାହାରିବାର ୧ ମାସ ମଧ୍ୟରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯାଇ ଆଣିପାରିବେ । ଏହି ସମସ୍ତ ସୂଚନା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଦେଇଛନ୍ତି । ସୂଚନାନୁଯାୟୀ, ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ମାଟ୍ରିକ ଖାତା ମୂଲ୍ୟାୟନ ସଂକ୍ରାନ୍ତରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ତରାଇ କହିଛନ୍ତି ଯେ, ପ୍ରଥମ ଥର ପାଇଁ ଏଭଳି ଡିଜିଟାଇଜଡ ସାର୍ଟିଫିକେଟ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯିବ । ତେବେ ମାର୍ଚ୍ଚ ୧୫ ତାରିଖରୁ ୫୫ଟି କେନ୍ଦ୍ରରେ ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ଖାତା ମୂଲ୍ୟାଙ୍କନ ଚାଲିଛି ବୋଲି ଶ୍ରୀ ତରାଇ କହିଛନ୍ତି । ଖାତା ଦେଖା ପାଇଁ ୧୬ ହଜାର ୨୩୫ ଜଣ ଶିକ୍ଷକ ଶିକ୍ଷୟତ୍ରୀ ନିୟୋଜିତ ହୋଇଛନ୍ତି । ଖାତା ଦେଖା କାର୍ଯ୍ୟ ସଂପୂର୍ଣ୍ଣ କରିବା ଲାଗି ୧୫ ଦିନ ସମୟ ଧାର୍ଯ୍ୟ କରାଯାଇଛି । ଅର୍ଥାତ ମାର୍ଚ୍ଚ ୨୮ ସୁଦ୍ଧା ଖାତାଦେଖା ଶେଷ କରିବାକୁ ଯୋଜନା ରହିଛି ।

ARYABHATTA Learning Forum Pvt. Ltd.
Courtpeta Square, Opp. BDA Office, BERHAMPUR, Contact No : (0680) 2290099, 2282288, 9937356309, 9437594222, E-mail: aryabhatta.brahmapur@gmail.com

ADMISSION ANNOUNCEMENT

COURSE	ELIGIBILITY	DURATION	COMMENCEMENT
IIT-JEE/ NEET FOUNDATION COURSE	(For 10th appeared students)	75 days 70 days	1st Batch- 15th March 2024 2nd Batch- 22nd March 2024
Junior 2024-26 IIT / MEDICAL 2 year integrated	(For 10th Pass Students)	7th June 2024	
Medical (NEET) 2024 CRASH COURSE	(For 12th appeared students)	1st Batch - 16th March 2024 2nd Batch - 20th March 2024	
IIT- JEE/ NEET-2025 1 year Extensive	(For 12th pass students)	1st Batch - 10th May 2024 2nd Batch - 7th June 2024	

- Admission into IIT-JEE/NEET -2025 for (11th appearing students) going on.
- Free coaching for deserving economically weaker section.

ସମ୍ପାଦକୀୟ
ପୃଷ୍ଠା-୪
୪୦ ପ୍ରତିଶତ ଛାତ୍ରୀ ମହିଳା ବିପଦରେ
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-7 • Issue-47 • 13th-19th March 2024 • Bhubaneswar
କଳାରାଜାଙ୍କଠାରେ ୧୦୦ ଶଯ୍ୟାବିଶିଷ୍ଟ କିମ୍ବା ଗ୍ରାମୀଣ ଡାକ୍ତରଖାନା ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ
ମତ୍ସ୍ୟକନ୍ୟା ଆଉ ହସୁନି

ଭିଜିଲାନ୍ସ ଜାଲରେ ନୟାଗଡ ଉଠାଜଳସେଚନ ବିଭାଗ ଜେଇ

ନୟାଗଡ଼, ୧୭/୩ ନ୍ୟୁଜ ବ୍ୟୁରୋ

ଭିଜିଲାନ୍ସ ଜାଲରେ ନୟାଗଡ ଉଠାଜଳସେଚନ ବିଭାଗ ଜେଇ ଗୋପବନ୍ଧୁ ବୋଇତୋଇ ଏବଂ ଠିକାଦାର ଶ୍ରୀକାନ୍ତ ପତି । ବୋରୱେଲ୍ ଖୋଳିବା ପାଇଁ ଠିକାଦାର ମାଧ୍ୟମରେ ୯ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ମାଡିବସିଲା ନୟାଗଡ ଭିଜିଲାନ୍ସ । ରଣପୁର ଅଞ୍ଚଳର ଚାଷୀ ମନୋରଞ୍ଜନ ଦାସ ନିଜ ଜମିରେ ବୋରୱେଲ୍ ଖୋଳିବା ପାଇଁ ନୟାଗଡ ଉଠାଜଳସେଚନ ବିଭାଗରେ ଆବେଦନ କରିଥିଲେ । ଏଥିପାଇଁ ବିଭାଗୀୟ ଅନୁମତି ମିଳିବା ପରେ ମନୋରଞ୍ଜନ ୨୦ହଜାର ଟଙ୍କା ଡିପୋଜିଟ୍ କରିଥିଲେ । ତେବେ ବୋରୱେଲ୍ ଖୋଳିବା ପାଇଁ ଠିକାଦାର ଶ୍ରୀକାନ୍ତଙ୍କ ମାଧ୍ୟମରେ ମନୋରଞ୍ଜନଙ୍କୁ ଜେଇ ଗୋପବନ୍ଧୁ ୯ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏନେଇ ମନୋରଞ୍ଜନ ନୟାଗଡ ଭିଜିଲାନ୍ସରେ ଅଭିଯୋଗ କରିଥିଲେ । ରବିବାର ଜେଇଙ୍କ ଅଫିସରେ ମନୋରଞ୍ଜନଙ୍କ ଠାରୁ ଠିକାଦାର ଶ୍ରୀକାନ୍ତ ୯ହଜାର ଟଙ୍କା ନେଉଥିବା ବେଳେ ଧରିଛି ଭିଜିଲାନ୍ସ । ଭିଜିଲାନ୍ସ ୯ହଜାର ଟଙ୍କା ଜବତ କରିବା ସହ ଉଭୟ ଜେଇ ଏବଂ ଠିକାଦାରଙ୍କୁ ଗିରଫ କରିଛି । ଜେଇ ଗୋପବନ୍ଧୁଙ୍କ ଅଫିସ, ନୟାଗଡର ଭଡାଘର ଏବଂ ଯାଜପୁରର ପୈତୃକ ଘରେ ଚଢ଼ଉ ଚାଲିଥିବା ସୂଚନା ମିଳିଛି ।

ରାଜ୍ୟରେ ପ୍ରତିଷ୍ଠା ହେବ ୫୪ ଆରଟିଓ କ୍ୟାମ୍ପ୍ ଅଫିସ୍

ଭୁବନେଶ୍ୱର, ୧୭/୩ ନ୍ୟୁଜ ବ୍ୟୁରୋ

ରାଜ୍ୟରେ ଯାନବାହନ ବିକ୍ରି ସହିତ ତତ୍‌ସମ୍ପର୍କିତ ସେବାର ଆବଶ୍ୟକତା ଢେରବୃଦ୍ଧି ପାଇଛି । ଜନସାଧାରଣଙ୍କୁ ସମୟୋଚିତ ସେବା ଯୋଗାଇବା ମଧ୍ୟ ଏକାନ୍ତ ଜରୁରୀ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ୫୪ଟି ଆରଟିଓ କ୍ୟାମ୍ପ୍ ଅଫିସ୍ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଆରଟିଓ ଭଳି କ୍ୟାମ୍ପ୍ ଅଫିସ୍‌ରେ ପରିବହନ ସମ୍ପର୍କିତ ସେବା ଉପଲବ୍ଧ ହେବ । ଫଳରେ ଜିଲ୍ଲା ମୁଖ୍ୟାଳୟ କିମ୍ବା ଆରଟିଓ କାର୍ଯ୍ୟାଳୟଠାରୁ ଦୂରରେ ରହୁଥିବା ଲୋକେ ସମସ୍ୟା ଭୋଗିବେ ନାହିଁ । ସେମାନଙ୍କ ଘର ପାଖରେ ଖୋଲିବ ଆରଟିଓ କ୍ୟାମ୍ପ୍ ଅଫିସ । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଅଧୀନରେ ସମୁଦାୟ ୫୪ଟି କ୍ୟାମ୍ପ୍ ଅଫିସ୍ ଖୋଲାଯିବ । ଆରଟିଓ କାର୍ଯ୍ୟାଳୟରେ ଗହଳି ଏବଂ ଦୂରଦୂରାନ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କମିଶନର କ୍ୟାମ୍ପ୍ ଅଫିସ୍ ଖୋଲିବା ପାଇଁ ପରିବହନ ବିଭାଗକୁ ପ୍ରସ୍ତାବ ଦେଇଥିଲେ । ଗତବର୍ଷ ସେପ୍ଟେମ୍ବର ମାସରେ ଏହି ପ୍ରସ୍ତାବକୁ ସରକାରଙ୍କ ମଞ୍ଜୁରୀ ମିଳିଥିଲା । ହସ୍ତଗତ ସୂଚନା ଅନୁସାରେ, ଗଞ୍ଜାମ ଜିଲ୍ଲାରେ ଆସ୍କା ଓ ବ୍ରହ୍ମପୁର, କଳାହାଣ୍ଡିରେ ଧର୍ମଗଡ଼, ମୟୂରଭଞ୍ଜରେ କରଞ୍ଜିଆ ଓ ବେତନଟୀ, ବଲାଙ୍ଗିରରେ କଣ୍ଟାବାଞ୍ଜି ଓ ଟିଟିଲାଗଡ଼, ସମ୍ବଲପୁରରେ ରେଢ଼ାଖୋଲ ଓ କୁଚିଣ୍ଡା, ଜଗତସିଂହପୁରର ପାରାଦ୍ୱୀପ, କଟକରେ ଆଠଗଡ଼ ଓ ନିଆଳିରେ କ୍ୟାମ୍ପ୍ ଅଫିସ୍ ଖୋଲିବ । ସେହିପରି କେନ୍ଦ୍ରାପଡ଼ାରେ ପଟ୍ଟାମୁଣ୍ଡାଇ, ଭଦ୍ରକରେ ଚାନ୍ଦବାଲି ଓ ଧାମରା, ଯାଜପୁରରେ କାଳିଆପାଣି ଓ କଳିଙ୍ଗନଗର, ବାଲେଶ୍ୱରରେ ନୀଳଗିରି ଓ ଜଳେଶ୍ୱର, କେନ୍ଦୁଝରରେ ଆନନ୍ଦପୁର ଓ ଚମ୍ପୁଆ, ସୁନ୍ଦରଗଡ଼ରେ ହେମଗିରି, ରାଉରକେଲାରେ ବଣାଇ, ରାଜଗାଙ୍ଗପୁର ଓ କୋଇଡ଼ା, ଅନୁଗୁଳରେ ଆଠମଲ୍ଲିକ, ତାଳଚେରରେ ପାଲଲହଡ଼ା ଓ ଏନ୍‌ଟିପିସି କଣିହା, ଢେଙ୍କାନାଳରେ କାମାକ୍ଷାନଗର, ଖୋର୍ଦ୍ଧାରେ ବାଲୁଗାଁ ଓ ବୋଲଗଡ଼, ନୟାଗଡ଼ରେ ଦଶପଲା ଏବଂ ଓଡ଼ଗାଁ, ପୁରୀରେ ନିମାପଡ଼ା ଓ କୋଣାର୍କ, ରାୟଗଡ଼ାରେ ଗୁଣୁପୁର, କାଶୀପୁର ଓ ମୁନିଗୁଡ଼ା, କୋରାପୁଟରେ ଜୟପୁର ଓ ସେମିଳିଗୁଡ଼ା, ଗଜପତିରେ ମୋହନାଠାରେ କ୍ୟାମ୍ପ୍ ଅଫିସ ଖୋଲିବ । ଅପରପକ୍ଷେ ମାଲକାନଗିରିରେ ମୋଟୁ ଓ ଚିତ୍ରକୋଣ୍ଡା, ଫୁଲବାଣୀରେ ବାଲିଗୁଡ଼ା ଓ ଜି. ଉଦୟଗିରି, ନୂଆପଡ଼ା, ନବରଙ୍ଗପୁରରେ ଉମରକୋଟ ଓ ଡାବୁଗାଁ, ବୌଦ୍ଧରେ କଣ୍ଟାମାଳ ଓ ଚାରିଛକ, ସୋନପୁରରେ ତୁଙ୍ଗିରିପାଲି, ଝାରସୁଗୁଡ଼ାରେ ବ୍ରଜରାଜନଗର ଓ ଲଖନପୁର, ଦେବଗଡ଼ ଜିଲ୍ଲାର ରିଆମାଳରେ ଏପରି କ୍ୟାମ୍ପ୍ ଅଫିସ ଖୋଲାଯିବ । ଆରଟିଓ କାର୍ଯ୍ୟାଳୟରେ ଭିଡ଼ ହ୍ରାସ ଏବଂ ସେବା ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର 'ୟ-ଟି' ଉପକ୍ରମ ଅଧୀନରେ ସ୍ମାର୍ଟ କ୍ୟୁ ମ୍ୟାନେଜମେଣ୍ଟ ଭଳି ଏକାଧିକ ଅଭିନବ ବ୍ୟବସ୍ଥା କରାଯାଇଛି । ଅନ୍‌ଲାଇନ୍‌ରେ ସବୁସେବା ଉପଲବ୍ଧ କରାଯାଇ ଥିବାରୁ ପୂର୍ବାପେକ୍ଷା ଆରଟିଓରେ ଭିଡ଼ ଯଥେଷ୍ଟ ହ୍ରାସ ପାଇଛି । ତଥାପି ଅନେକ ଲୋକ ଆରଟିଓ ଆସିବା ପାଇଁ ବାଧ୍ୟ ହେଉଛନ୍ତି । ତେବେ ଏଥିପାଇଁ ସେମାନଙ୍କୁ ବହୁଦୂର ପର୍ଯ୍ୟନ୍ତ ଯା' ଆସ କରିବାକୁ ହେଉଛି । ଏହାକୁ ଦୃଷ୍ଟିରେ ରଖି ପରିବହନ ବିଭାଗ କ୍ୟାମ୍ପ୍ ଅଫିସ ଖୋଲିବା ପାଇଁ ପଦକ୍ଷେପ ନେଇଛି ।

ଏବେ ବଜାରରେ ମିଳୁଛି...
'କଥାକଳିକା' ୧୦ମ ସ୍ୱନକ୍ଷତ୍ର ବିଶେଷାଙ୍କ ସଂଖ୍ୟା, ମାର୍ଚ୍ଚ ୨୦୨୪

ଏଥର ସଂଖ୍ୟାରେ...
ସ୍ମରଣୀୟ କଥା : ଗଙ୍ଗାଧର ବିଶ୍ୱାଳ
ସମକାଳର କଥା : ପ୍ରତାପ ବିଶ୍ୱାଳ, କାଳିକିଙ୍କର, ସୋମାଚାନ୍ଦ, ସ୍ୱାଗତିକା ସେଠୀ, ଲକ୍ଷ୍ମୀଚାନ୍ଦ, ସଂଯୁକ୍ତା ତ୍ରିପାଠୀ, ମନୋଜ କୁମାର ଜେନା, ନନ୍ଦିତା ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଉପେନ୍ଦ୍ର ପ୍ରସାଦ ନାୟକ, ସୁଜାତା ମହାପାତ୍ର, ସୁକାନ୍ତ ଦାସ, ଆଶାରାଣୀ ପଣ୍ଡା, ବିଜୟ ଲକ୍ଷ୍ମୀ ସାହୁ, ରୀନାରାଣୀ ରାଉତରାୟ, ସୁକାନ୍ତି ରାଉତ, କବିତା ମିଶ୍ର, ବୀରେଶ୍ୱର ମହାନ୍ତି ।
ଅନ୍ୟଭାଷାର କଥା : ସୁପ୍ରଭା ରାୟ, ରେବା ପଟ୍ଟନାୟକ ।
ଯୁବ ମାନସର କଥା : ସୁରେଶ କୁମାର ନାଗ, ସିଦ୍ଧେଶ୍ୱର ତ୍ରିପାଠୀ, ସ୍ନେହଦାସ ଲେଙ୍କା, ପ୍ରଜ୍ଞା ମହାନ୍ତି, ଅମ୍ବିକା ସ୍ୱାଇଁ, ପ୍ରଭାତି ଜେନା, ଜ୍ୟୋତ୍ସ୍ନାସାମନ୍ତ ରାୟ, କନକ ମଞ୍ଜରୀ ମିଶ୍ର ।

(ଗ୍ରାହକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ – (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୪୦ ଏ ସଂଖ୍ୟାର ମୂଲ୍ୟ ୭୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ